୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.57 Bhubaneswar Saturday April 06 2024 | ୨୬ତମ ବର୍ଷ ସଂଖ୍ୟା-୫୭ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ତୃତୀୟ ପର୍ଯ୍ୟାୟରେ ୯ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ବିଜେଡି



ଭୁବନେଶ୍ୱର,୫ ।୪(ପି.ଏନ): ବିଜେଡି ଆଜି ନିଜର ତୃତୀୟ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକାରେ ମୋଟ ୯ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । ଏଥିରେ ଦଳ ୩ ଜଣ ବିଧାୟକଙ୍କୁ ରିପିଟ୍ କରିଥିବା ବେଳେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି । ଆଜିର ପ୍ରାର୍ଥୀଙ୍କୁ ମିଶାଇଲେ ଦଳ ଏପର୍ଯ୍ୟନ୍ତ ମୋଟ ୧୦୮ଟି ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି ।ଯେଉଁ ବିଧାୟକମାନଙ୍କୁ ଦଳ ରିପିଟ୍ କରିଛି ସେମାନେ ହେଲେ ସାଲେପୁରରୁ ପ୍ରଶାନ୍ତ ବେହେରା,ରାଉରକେଲାରୁ ସାରଦା ପ୍ରସାଦ ନାୟକ ଓ ବାଲେଶ୍ୱରରୁ ସ୍ୱରୂପ ଦାସ। ସେହିପରି ନୂଆ ମୁହଁ ଭାବେ ରେଙ୍ଗାଲିରୁ ସୁଦର୍ଶନ ହରିପାଲ, ବୀରମିତ୍ରପୁରରୁ ରୋହିତ ଯୋଶେଫ ତିର୍କୀ, କେନ୍ଦୁଝରରୁ ମୀନା ମାଝୀ, ରାଇରଙ୍ଗପୁରରୁ ରାଇସିନ୍ ମୁର୍ମୁ, ଜୟଦେବରୁ ନବକିଶୋର ମଲ୍ଲିକଙ୍କୁ ଟିକେଟ୍ ଦେଇଛି। ବିଜେପିରୁ ଆସିଥିବା ପ୍ରକାଶ ବେହେରାଙ୍କୁ ବାରବାଟୀ-କଟକ ଆସନରୁ ପ୍ରାର୍ଥୀ କରିଛି ଦଳ । ସେହିପରି ନିକଟରେ କଂଗ୍ରେସରୁ ଆସିଥିବା ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫଙ୍କୁ ଦଳ ରାଜଗାଙ୍ଗପୁର ପ୍ରାର୍ଥୀ କରିଛି ।

## ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତି ପାଇଲେ ୩ ନୂଆ ଏସ୍‌ପି

ଭୁବନେଶ୍ୱର,୫ ।୪(ପି.ଏନ): ଆସନ୍ତା ମାସ ୧୯ ତାରିଖରୁ ଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଆରମ୍ଭ ହେବ । ଏଥିରେ ମେ ୧୩ରୁ ୪ଟି ପର୍ଯ୍ୟାୟରେ ଓଡିଶାରେ ମତଦାନ ଗ୍ରହଣ କରାଯିବ । ତେବେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହିତ ସମାପନ କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ଏହା ମଧ୍ୟରେ ନିର୍ବାଚନ ଆୟୋଗ କିଛି ଜଣ ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଓ ସର୍ବଭାରତୀୟ ପୋଲିସ ସେବା (ଆଇପିଏସ) ଅଧିକାରୀଙ୍କୁ ନିର୍ବାଚନ କାମ ନଥିବା ସ୍ଥାନକୁ ବଦଳି ନିର୍ଦ୍ଦେଶ ଦେଇଥିଲେ। ଏହି ବଦଳି ତାଲିକାରେ କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ୨୦୦୪ ବ୍ୟାଚ୍ ଆଇପିଏସ୍ ଆଶୀଷ କୁମାର ସିଂଙ୍କ ସମେତ କଟକ ଡିସିପି କନ୍ୱର ବିଶାଳ ସିଂ, ରାଉରକେଲା ପୁଲିସ ଏସପି ମିତ୍ରଭାନୁ ମହାପାତ୍ର, ଖୋର୍ଦ୍ଧା ଏସପି ଯୁଗଳ କିଶୋର ବାନୋଥ, ବ୍ରହ୍ମପୁର ପୁଲିସ ଏସପି ସର୍ଭଣା ବିବେକ ଏମ୍ , ଅନୁଗୁଳ ଏସପି ସୁଧାଂଶୁ ଶେଖର ମିଶ୍ରଙ୍କ ନାମ ରହିଥିଲା। ଅନ୍ୟପଟେ ଏହି ଆଇପିଏସଙ୍କ ବ୍ୟତୀତ କଟକ ଜିଲ୍ଲାପାଳ ଭିନିତ୍ ଭରଦ୍ୱାଜ ଏବଂ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟୱାରିଙ୍କୁ ମଧ୍ୟ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନ କମିଶନ । ସେମାନଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ବ୍ୟକ୍ତ କରି ନିର୍ବାଚନ କମିଶନ ସେମାନଙ୍କୁ ତତ୍କାଳ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରୁ ବିରତ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଆଉ ଏହି ନିର୍ଦ୍ଦେଶ ଅନୁଯାୟୀ, ଖାଲି ଥିବା ପଦବୀ ମଧ୍ୟରୁ ପ୍ରକାଶ ଆର୍‌ଙ୍କୁ କଟକ ଡିସିପି ଭାବେ ନିଯୁକ୍ତି ମିଳିଥିବା ବେଳେ ବ୍ରିଜେଶ କୁମାର ରାୟଙ୍କୁ ରାଉରକେଲାର ଏସପି ଭାବେ ନିଯୁକ୍ତି ମିଳିଛି। ଏଥିସହ ଉମାଶଙ୍କର ଦାଶଙ୍କୁ ଅନୁଗୁଳ ଏସପି ଦାୟିତ୍ୱ ମିଳିଛି। ଆଉ ଅବଶିଷ୍ଟ ୨ ଜିଲ୍ଲାପାଳ, ୩ ଏସ୍‌ପି ଓ କେନ୍ଦ୍ରାଞ୍ଚଳ ରେଞ୍ଜ ପୁଲିସ୍ ଆଇଜି ପଦବୀ ଫାଙ୍କା ଥିବା ବେଳେ ଉକ୍ତ ପଦବୀରେ ଖୁବ୍ ? ଶୀଘ୍ର ନିଯୁକ୍ତି ହେବ ବୋଲି ଜଣାଯାଇଛି।

## ପୁଲିସକୁ ଦେଉଥିଲା ସୂଚନା: ଆତ୍ମସମର୍ପଣ କରିଥିବା ନକ୍ସଲକୁ ହତ୍ୟା କଲେ ନକ୍ସଲ

ମାଲକାନଗିରି,୫ ।୪(ପି.ଏନ): ମାଲକାନଗିରି ଜିଲ୍ଲାର ନାରାୟଣପୁର ଜିଲ୍ଲାରେ ପୁଣି ନକ୍ସଲ ଜଣେ ଆତ୍ମସମର୍ପଣ କରିଥିବା ନକ୍ସଲକୁ ଅତି ନିର୍ମମ ଭାବେ ହତ୍ୟା କରି ଅଂଚଳରେ କୋକୂଆ ଭୟ ସୃଷ୍ଟି କରିଛନ୍ତି। ନାରାୟଣପୁର ଜିଲ୍ଲା ଅନ୍ତର୍ଗତ ଛୋଟେଡଙ୍ଗର ବ୍ଲକର ଚମେଲି ପଞ୍ଚାୟତର ତୁର୍ସମେଟ୍ଟା ଗ୍ରାମର ଗୋସୁ କୋରାମ ଅରଫ ଅଜିତ ୨୦୧୨ ମସିହାରେ ମାଓ ସଂଗଠନରେ ଜଡିତହୋଇ କାମ କରୁଥିଲା। ୨୦୨୧ରୁ ସେ ଘରକୁ ଫେରିଯିବାକୁ ମନ ବଳାଇଥିଲା।ତେବେ ୨୦୨୩ରେ ପାର୍ଟି ତାଂକୁ ଘରେ ରହି ବାକି ଜୀବନ କାଟିବାକୁ କହିଥିଲେ। ସେ ଏଭଳି ନକରି ଅର୍ଥ ଲୋଭରେ ନାରାୟଣପୁର ଏସପି ପୁରସ୍କାର ଶର୍ମା ଏବଂ ପୁଲିସ ଆଇଆଇସି ବିଜୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କଲା। ପରେ ପୁଲିସ ତରଫରୁ ଅଜିତକୁ ଡିଆରଜି ଯବାନଙ୍କ ସହ ମିଶି ନକ୍ସଲ ଅପରେସନରେ ସାମିଲ ହେଲା। ନକ୍ସଲଙ୍କ ସମସ୍ତ ଗତିବିଧି ସଂପର୍କରେ ସେ ଲଗାତାର ସୂଚନା ଦେଉଥିଲା। ପୁଲିସର ଇନଫର୍ମର ବନିଯାଇଥିଲା। ନକ୍ସଲ ଏ ସଂପର୍କରେ ଜାଣିବା ପରେ ତାକୁ ଏଥିରୁ ନିବୃତ ରହିବାକୁ ତାଗିଦ କରିଥିଲେ। ଗତ ମାର୍ଚ୍ଚ ୧୭ ତାରିଖ ଦିନ ନିଜ ଗ୍ରାମକ ପୁଲିସ ପଠାଇ ନକ୍ସଲଙ୍କ ଗତିବିଧି ସଂପର୍କରେ ସୂଚନା ଦେବାକୁ କହିଥିଲେ। ଏ ସଂପର୍କରେ ମାଓ ସଂଗଠନ ଅବଗତ ହେବା ପରେ ତାକୁ କାବୁ କରାଯାଇଥିଲା। ପରେ ଜଂଗଲରେ ପ୍ରଜାକୋର୍ଟରେ ଅଜିତ ନିଜର ଭୁଲ ସ୍ୱୀକାର କରିଥିଲେ। ସମସ୍ତ ଜନସାଧାରଣଙ୍କ ସାମ୍ନାରେ ତାକୁ ନିର୍ଦ୍ଦୁମ ମାଡ ମାରିବା ପରେ ହତ୍ୟା କରାଯିବା ନେଇ ନିଷ୍ପତି ହୋଇଥିଲା। ପିଏଲଜିଏ ସଦସ୍ୟମାନେ ଅଜିତକୁ ହତ୍ୟା କରି ଗାଁ ରାସ୍ତାରେ ଫିଙ୍ଗି ଦେଇଥିଲେ। ଏହି ହତ୍ୟା ପାଇଁ ନାରାୟଣପୁର ଏସପି ଓ ପୁଲିସ ଆଇଆଇସି ଦାୟୀ ବୋଲି ଛାଡିଯାଇଥିବା ପୋଷ୍ଟରରେ ଉଲ୍ଲେଖ କରିଛନ୍ତି ।ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।ଶବକୁ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## କଟକ ଓ ଜଗତସିଂହପୁର ପାଇଁ ନୂଆ ଜିଲ୍ଲାପାଳ ନିଯୁକ୍ତ: ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,(ପିଏନ.୫ ।୪(ପିଏନ): କଟକ ଓ ଜଗତସିଂହପୁର ଜିଲ୍ଲା ପାଇଁ ଦୁଇ ନୂଆ ଜିଲ୍ଲାପାଳଙ୍କୁ ନିଯୁକ୍ତି ଦିଆଯାଇଛି । ଆଇଏଏସ ଅରିନ୍ଦମ ଡାକୁଆ କଟକର ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି । ସେହିପରି ଆଇଏଏସ ଅନୁପମ ଶାହାଙ୍କୁ ଜଗତସିଂହପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି । ଏହି ଦୁଇ ଜିଲ୍ଲାର ଜିଲ୍ଲାପାଳଙ୍କୁ ଟ୍ରାନ୍ସଫର କରିବା ନେଇ ପୂର୍ବରୁ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ନିର୍ଦ୍ଦେଶ ଦେଇଥିଲେ । ତେବେ ନୂଆ ଜିଲ୍ଲାପାଳଙ୍କ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି ।ଆଇଏଏସ ଅରିନ୍ଦମ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ସହିତ ଓଡିଶା ଜୀବିକା ମିଶନର ମିଶନ ଡାଇରେକ୍ଟର ପଦରେ ଅବସ୍ଥାପିତ ଥିଲେ । ଏବେ ସେ କଟକର ଜିଲ୍ଲାପାଳ ପଦ ସମ୍ଭାଳିବେ । ସେହିପରି ଆଇଏଏସ ଶାହା ଓଡିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳିବା ସହିତ ମୋ ସ୍କୁଲର ସଦସ୍ୟ ସଚିବ ଓ ଓଡିଶା ଶ୍ରମ ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ । ଏବେ ସେ ଜଗତସିଂହପୁର ଜିଲ୍ଲାପାଳ ପଦ ସମ୍ଭାଳିବେ ।

## ୪୩.୫ ଡିଗ୍ରୀରେ କଲବଲ ହେଲେ ରାଜଧାନୀବାସୀ, ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଲା ଭୁବନେଶ୍ୱର

ଭୁବନେଶ୍ୱର,୫ ।୪(ପି.ଏନ): ସାରା ରାଜ୍ୟରେ ଆଜି ଭୁବନେଶ୍ୱରରେ ସବୁଠୁ ଅଧିକ ଖରା ହୋଇଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍ ?ସିୟସ ରେକର୍ଡ କରାଯାଇଛି। ଏହା ସହିତ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆଜି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଛି। ୪୩.୫ ଡିଗ୍ରୀ ସହିତ ଆଜି ଭୁବନେଶ୍ୱର ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଛି। ଏସିଆର ୧୦ଟି ଉତ୍ତପ୍ତ ସହର ତାଲିକାରେ ଏହା ଷଷ୍ଠ ସ୍ଥାନରେ ରହିଛି ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ରାଜଧାନୀ ଭୁବନେଶ୍ୱରରେ ଆଜି ସକାଳୁ ମିଳିସାରିଥିଲା ପ୍ରଚଣ୍ଡ ତାତିର ଆଭାସ। ସକାଳ ସାଢ଼େ ୮ଟାରେ ଭୁବନେଶ୍ୱରର ତାପମାତ୍ରା ୩୧.୨ ଡିଗ୍ରୀ ରହିଥିବା ବେଳେ ସାଢେ ୧୧ଟା ସୁଦ୍ଧା ୩୯.୮ ଓ ଦିନ ସାଢେ ୨ଟା ବେଳକୁ ଏହା ଛୁଇଁଥିଲା ୪୩.୨ ଡିଗ୍ରୀ ।ସେହିପରି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବ ?ିଛି ଗ୍ରୀଷ୍ମ ପ୍ରବାହ। ଅନୁଗୋଳ, ଝାରସୁଗୁଡା, ତାଳଚେର, ଟିଟିଲାଗଡ, ମାଲକାନଗିରି, ନୟାଗଡ, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ଆଜି ତାପମାତ୍ରା ୪୨ ଡିଗ୍ରୀ ବା ଏହା ଉପରେ ରେକର୍ଡ କରାଯାଇଛି। ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡାରେ ୪୨, ତାଳଚେରରେ ୪୨.୫, ବଲାଙ୍ଗିରରେ ୪୨, ଟିଟିଲାଗଡରେ ୪୨, ମାଲକାନଗିରିରେ ୪୨.୨, ନୟାଗଡରେ ୪୨, ବୌଦ୍ଧରେ ୪୨.୨ ଓ ପାରଳାଖେମୁଣ୍ଡିରେ ୪୨.୬ ଡିଗ୍ରୀ ରେକର୍ଡ କରାଯାଇଛି।

## ବିଜେପିରେ ସାମିଲ ହେଲେ ଆଠମଲ୍ଲିକ ବିଧାୟକ ରମେଶ ସାଏ



ଭୁବନେଶ୍ୱର,୫ ।୪(ପି.ଏନ): ଆସନ୍ତା ମାସ ୧୯ ତାରିଖରୁ ଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଆରମ୍ଭ ହେବ । ସେହିପରି ମେ ୧୩ରୁ ଓଡିଶାରେ ୪ଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ଏହା ମଧ୍ୟରେ ରାଜନୈତିକ ଦଳମାନେ ପର୍ଯ୍ୟାୟକ୍ରମେ ବିଧାନସଭା ଓ ଲୋକସଭା ପାଇଁ ପ୍ରାର୍ଥୀ ତାଲିକା ଜାରି କରୁଛନ୍ତି । ଏଭଳି ସ୍ଥିତିରେ କିଛି ନେତା ଅନ୍ୟ ଦଳରେ ସାମିଲ ହେଉଥିବାର ଦେଖାଯାଉଛି । ତେବେ ଗତକାଲି ଆଠମଲ୍ଲିକ ବିଧାୟକ ବିଜେଡିରୁ ଇସ୍ତଫା ଦେଇଥିବା ବେଳେ ଆଜି ସେ ବିଜେପିରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରମେଶ ପଦ୍ମରେ ସାମିଲ ହୋଇଛନ୍ତି । ବ୍ୟକ୍ତିଗତ କାରଣରୁ ରମେଶ ବିଜେଡିର ପ୍ରାଥମିକ ସଦସ୍ୟ ପଦ ଛାଡିଥିଲେ । ୨୦୧୯ ନିର୍ବାଚନରେ ସେ ବିଜେଡି ଟିକେଟରେ ନିର୍ବାଚନ ଜିତିଥିଲେ । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ସେ ଦଳରେ କାର୍ଯ୍ୟ କରିବାକୁ ଅସମର୍ଥ ବୋଲି ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୩ ତାରିଖରେ ସୋର ବିଧାୟକ ବିଜେଡିରୁ ଇସ୍ତଫା ଦେଇଥିଲେ । ଏଥିସହିତ ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ମଧ୍ୟ ଦଳ ଛାଡିଥିଲେ ।

## ବିଜେପି ଛାଡିଲେ ପୂର୍ବତନ ସାଂସଦ/ ପୂର୍ବତନ ବିଧାୟକ ରବି ନାରାୟଣ ପାଣି



ଭୁବନେଶ୍ୱର,୫ ।୪(ପି.ଏନ): ବିଜେପି ଛାଡିଲେ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ ରବି ନାରାୟଣ ପାଣି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଲେଖିଥିବା ଇସ୍ତଫା ପତ୍ରରେ ରବି ନାରାୟଣ ପାଣି ଲେକିଛନ୍ତି, ବର୍ତ୍ତମାନର ରାଜନୀତିରେ ନୀତି ଆଦର୍ଶର ଆଉ ସ୍ଥାନ ନାହିଁ। କ୍ଷମତା ପାଇଁ ଯେକୌଣସି ବ୍ୟକ୍ତିକୁ ଆଣି ଦଳରେ ସାମିଲ କରାଯାଉଛି। ଆମ ପରି ବରିଷ୍ଠ ଓ ସଚ୍ଚୋଟ ନେତାଙ୍କୁ ଅଣଦେଖା କରାଯାଇ ଅନ୍ୟମାନଙ୍କୁ ପଦ ପଦବୀ ଦିଆଯାଉଛି।୧୯୮୯ରୁ ୧୯୯୧ ଯାଏ ସେ ଦେବଗଡରୁ ଜନତା ଦଳ ସାଂସଦ ଥିଲେ। ୨୦୦୯ରେ ବିଜେଡି ଟିକଟରେ ପାଲଲହଡାରୁ ବିଧାୟକ ହୋଇଥିଲେ। ଏପରିକି ଦଳର ମୁଖ୍ୟ ସଚେତକ ହୋଇଥିଲେ। ୨୦୧୯ରେ ବିଜେଡି ବିଧାୟକ ଟିକଟ ନ ମିଳିବାରୁ ବିଜେପିରେ ସାମିଲ ହୋଇଥିଲେ ରବି ପାଣି।

## ମଣିଷକୁ ସଂକ୍ରମିତ କରୁଛି ବାର୍ଡ ଫ୍ଳୁ: ହୋଇପାରେ କରୋନା ଭଳି ସ୍ଥିତି



ଭୁବନେଶ୍ୱର,୫ ।୪(ପି.ଏନ): ଲୋକଙ୍କ ପାଇଁ ଆସିଛି ଖରାପ ଖବର। ବିଶେଷଜ୍ଞମାନେ ଦେଇଛନ୍ତି ଚିନ୍ତା ବ ?ାଇଲା ଭଳି ଖବର। ପକ୍ଷୀ ବିଶେଷ କରି କୁକୁଡାମାନେ ବାର୍ଡ ଫ୍ଳୁରେ ସଂକ୍ରମିତ ହୁଅନ୍ତି। କିନ୍ତୁ ଏହି ମାରାତ୍ମକ ଭାଇରସରେ ଜଣେ ଫାର୍ମ ଶ୍ରମିକ ସଂକ୍ରମିତ ହୋଇଛନ୍ତି। ଆମେରିକାର ଟେକ୍ସାସରେ ଜଣେ ଶ୍ରମିକଙ୍କ ରକ୍ତ ନମୁନାରୁ ବାର୍ଡ ଫ୍ଳୁ ଭୂତାଣୁ ଠାବ ହେବାରୁ ବିଶେଷଜ୍ଞମାନେ ସମସ୍ତଙ୍କୁ ସତର୍କ କରାଇଛନ୍ତି। ଏପ୍ରିଲ ୧ରେ ଜଣେ ବ୍ୟକ୍ତିଙ୍କ ଶରୀରରୁ ବାର୍ଡ ଫ୍ଳୁ ଭୂତାଣୁ ଠାବ ହୋଇଥିବା ଆମେରିକାର ସିଡିସି ପକ୍ଷରୁ ନିଶ୍ଚିତ କରାଯାଇଛି ।ଗୋଟିଏ ପଟେ ବିଶେଷଜ୍ଞମାନେ ଆଣ୍ଟାର୍କଟିକାରେ ହଜାର ହଜାର ପେଙ୍ଗୁଇନଙ୍କ ମୃତ୍ୟୁର କାରଣ ଖୋଜୁଥିବା ବେଳେ ଟେକ୍ସାସ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଜଣେ ଫାର୍ମ ଶ୍ରମିକ ଏଚ୍‌ପିଏଆଇ ଏ(ଏଚ୍‌୫ଏନ୍‌୧) ଭାଇରସ ବା ବାର୍ଡ ଫ୍ଳୁରେ ସଂକ୍ରମିତ ହୋଇଛନ୍ତି। ସେ ଗୋ-ପାଳନ କରନ୍ତି। ପ୍ରଥମେ ଫାର୍ମରେ ଥିବା ଗାଈମାନେ ବାର୍ଡ ଫ୍ଳୁରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ ଆସିଛି ।ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କ ଆଖି ନାଲି ପଡିଥିବା ବେଳେ ନିୟମିତ ପାଣି ଝରୁଛି। ଏହା ଛଡା ତାଙ୍କର ଆଉ କୌଣସି ପ୍ରକାରର ଲକ୍ଷଣ ନାହିଁ। ଏବେ ସେ ସୁସ୍ଥ ହେବା ପ୍ରକ୍ରିୟାରେ ରହିଥିବା ସିଡିସି କହିଛି। ରିପୋର୍ଟ ପଜିଟିଭ ଆସିବା ପରେ ବ୍ୟକ୍ତି ଜଣଙ୍କୁ ଏକାନ୍ତବାସରେ ରଖାଯାଇଥିଲା। ଏହାପରେ ଫ୍ଳୁ ପାଇଁ ଆଣ୍ଟିଭାଇରାଲ ଔଷଧ ପ୍ରଦାନ କରାଯାଇଥିଲା।

## ଅଣ୍ଡରଓ୍ୱାର୍ଲ୍ଡ ଡନ୍‌କୁ ଜେଲରୁ ଖଲାସ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୫ ।୪(ପି.ଏନ): ସଜା ପୂରିବା ଆଗରୁ ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଅରୁଣ ଗାଓ୍ୱଲିକୁ ଜେଲରୁ ଖଲାସ କରିବାକୁ କହିଛନ୍ତି ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ। ଜଷ୍ଟିସ ବିନୟ ଯୋଶୀ ଓ ଜଷ୍ଟିସ ଭି ଯୋଶୀଙ୍କ ଖଣ୍ଡପୀଠ ଆଗୁଆ ଖଲାସ ପାଇଁ ଅରୁଣ କରିଥିବା ଆବେଦନକୁ ଗ୍ରହଣ କରି ତା' ସପକ୍ଷରେ ରାୟ ଦେଇଛନ୍ତି। ୨୦୦୬ ମସିହା ଜାନୁଆରୀ ୧୦ରେ ସରକାର ଆଗୁଆ ଖଲାସ ପାଇଁ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ ଅରୁଣ ଆବେଦନ କରିଥିଲା। ୨୦୧୨ ମସିହା ଅଗଷ୍ଟ ୩ରେ ଅରୁଣ ସମେତ ଆଉ ୧୧ ଜଣଙ୍କୁ ଶିବସେନାର ପୂର୍ବତନ ବିଧାୟକ କମଳାକର ଜାମସାନ୍ଦେକରଙ୍କ ହତ୍ୟା ମାମଲାରେ ସେସନ୍ସ କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

## ହରଭଙ୍ଗାରୁ ଧରାପଡିଲେ ଆଉଜଣେ ନକଲି ଶିକ୍ଷୟିତ୍ରୀ; ଜାଲ୍ ଓଟିଇଟି ସାର୍ଟିଫିକେଟ ଦେଇ କରୁଥିଲେ ଚାକିରି

ହରଭଙ୍ଗା,୫ ।୪(ପି.ଏନ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍‌ରୁ ଆଉଜଣେ ନକଲି ଶିକ୍ଷୟିତ୍ରୀ ଧରାପଡିଛନ୍ତି। ଜାଲ୍ ଓଟିଇଟି ସାର୍ଟିଫିକେଟ ବଳରେ ସେ ଚାକିରି ହାତେଇଥିବା ଜଣାପଡିବା ପରେ ବ୍ଲକ ଶିକ୍ଷାଧିକାରୀ ଅଜୟ ଲୁହା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ପୁରୁଣାକଟକ ଥାନାରେ ଏତଲା ଦେଇଛନ୍ତି ।ସୂଚନା ଅନୁସାରେ, ନୟାଗଡ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଗୋଲାପୋଖରୀ ଗ୍ରାମର ଶିକ୍ଷୟିତ୍ରୀ କୁମୁଦିନୀ ପଣ୍ଡା ହରଭଙ୍ଗା ବ୍ଲକ୍ ଆଉଣିଗଡ ପଞ୍ଚାୟତ ରାଣୀଗଞ୍ଜ ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ସେ ୨୦୧୨ ମସିହାରେ ଶିକ୍ଷୟିତ୍ରୀ ଭାବେ ଚାକିରିରେ ଯୋଗ ଦେଇଥିଲେ। ୨୦୧୯ ମସିହାରେ ଜାଲ୍ ଓଟିଇଟି ସାର୍ଟିଫିକେଟ ଆଧାରରେ ସେ ଚାକିରିରେ ନିୟମିତ ହୋଇଥିଲେ। ମାତ୍ର ତାଙ୍କର ଓଟିଇଟି ସାର୍ଟିଫିକେଟ ଯାଞ୍ଚ ପରେ ଜାଲ୍ ?ଥିବା ଧରାପଡିଥିଲା। ଏନେଇ ଓଡିଶା ମାଧ୍ୟମିକ ଶିକ୍ଷାବୋର୍ଡର ପରୀକ୍ଷା ନିୟନ୍ତ୍ରକ ଜିଲ୍ଲା ଶିକ୍ଷା ବିଭାଗକୁ ଶିକ୍ଷୟିତ୍ରୀ କୁମୁଦିନୀ ପଣ୍ଡାଙ୍କ ଓଟିଇଟି ଶିକ୍ଷାଗତ ପ୍ରମାଣପତ୍ର ଜାଲ୍ ବୋଲି ରିପୋର୍ଟ ଦେବା ପରେ ବିଇଓ ଥାନାରେ ଏତଲା ଦେଇଥିଲେ। ସୂଚନାଥାଉ କି, ୨୦୨୧ରେ ହରଭଙ୍ଗା ବ୍ଲକ୍‌ରେ ଜାଲ୍ ଓଟିଇଟି ସାର୍ଟିଫିକେଟ ହାତେଇଥିବା ପ୍ରସଙ୍ଗରେ ବ୍ଲକ୍ ଶିକ୍ଷାଧିକାରୀ ୨୨ଜଣ ଠିକା ଗଣଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିଥିଲେ। ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଜାଲ୍ ସାର୍ଟିଫିକେଟ ଗୁମର ସାମନାକୁ ଆସୁଥିବା ବେଳେ ଏହାର ଚେରକୁ ଖୋଜି ବାହାର କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ଏହାର ଖୋଳତାଡ ହେବା ଜରୁରି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଲୁହାଙ୍କୁ ପଚାରିବାରୁ ଥାନାରେ ଏତଲା ଦିଆଯାଇଛି, ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ବିଭାଗୀୟ ପ୍ରସିଡିଂ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

## କୋରେଇ ପାଇଁ ଆକାଶ-ଝିଲିକ ଭିତରେ ହେବ ଲଢେଇ ! ବିଜେଡି ତରଫରୁ ଝିଲିକଙ୍କୁ ମିଳିପାରେ ଟିକେଟ


ଭୁବନେଶ୍ୱର,୫ ।୪(ପି.ଏନ): ଓଡିଶା ରାଜନୀତି ଏବେ ଚହଳ ସୃଷ୍ଟି କରିଛି । ପ୍ରତି ଆସନରେ ଦେଖିବାକୁ ମିଳୁଛି ବିଜେଡି-ବିଜେପି ଭିତରେ ଛକାପଞ୍ଝା । କିନ୍ତୁ ସମ୍ବଲପୁର, କେନ୍ଦ୍ରାପଡା ଏବଂ ଭୁବନେଶ୍ୱର ପରେ କୋରେଇ ବିଧାନସଭା ନିର୍ବାଚନ ଲଢେଇ ଉପରେ ସମସ୍ତଙ୍କ ନଜର ରହିଛି । କାରଣ ଏଥର ଏହି ଆସନରେ ଦେଖିବାକୁ ମିଳିପାରେ ଓଲିଉଡ ଷ୍ଟାର ଫାଇଟ । ଆକାଶ ଦାସନାୟକଙ୍କୁ ବିଜେପି ଏହି ଆସନେ;ର ପ୍ରାର୍ଥୀ ଭାବରେ ଟିକେଟ ଦେଇଥିବା ବେଳେ ତାଙ୍କୁ ଟକ୍କର ଦେଇପାରନ୍ତି ଓଲିଉଡ ହିରୋଇନ୍ ଝିଲିକ । କୋରେଇ ବିଧାନସଭା ଆସନ ପାଇଁ ନିର୍ବାଚନ ଲଢିପାରନ୍ତି ଓଡିଆ ସିନେ ଦୁନିଆର ଦୁଇ ସୁପରଷ୍ଟାର ଆକାଶ ଦାସନାୟକ ଏବଂ ଝିଲିକ । ଆକାଶଙ୍କ ବିପକ୍ଷରେ ବିଜେଡି ପ୍ରାର୍ଥୀ ଭାବରେ ଝିଲିକ୍ ମଇଦାନକୁ ଓହ୍ଲାଇବାକୁ ଯାଉଥିବା ସଙ୍କ ?ତ ମିଳିଯାଇଛି ।ଆଗାମୀ ନିର୍ବାଚନରେ କୋରେଇ ବାସୀ ଦେଖିବାକୁ ଯାଉଛନ୍ତି ଏକ ରୋଚକ ଲଢେଇ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ଲୋକନୃତ୍ୟ 'ରଣପା': ଏକ ଅନୁଶୀଳନ

ଓଡ଼ିଶା ହେଉଛି କଳା ଓ ସଂସ୍କୃତିରେ ପରିପୂର୍ଣ୍ଣ ଏକ ରାଜ୍ୟ। ବିଶେଷକରି ଏହାର ଲୋକ ସଂସ୍କୃତି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଆସିଛି। ଓଡ଼ିଶା ପ୍ରଦେଶର ଦକ୍ଷିଣ ଦିଗରେ ଥିବା ଗଞ୍ଜାମ ଜିଲ୍ଲା 'ଲୋକସଂସ୍କୃତି'ର ଏକ ଲୀଳାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ସୀମାନ୍ତ ଅଞ୍ଚଳରେ ଅବସ୍ଥାପିତ ହୋଇଥିବା ହେତୁ; ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ଏହା ମିଳନସ୍ଥଳ। ପୁଣି ଏହାର ଏକ ଚତୁର୍ଥାଂଶ ଅଧିବାସୀ ହେଉଛନ୍ତି ବନବାସୀ। ତେଣୁ ଆର୍ଯ୍ୟ-ଦ୍ରାବିଡ଼ ଓ ଆଦିମ ଅଧିବାସୀଙ୍କ ମିଳିତ ସଂସ୍କୃତିର ଚିତ୍ର ଏ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଗଞ୍ଜାମ ଅଞ୍ଚଳର ଲୋକସଂସ୍କୃତି ଅଧ୍ୟୟନ କଲାବେଳେ ମୁଖ୍ୟତଃ ଏହାର ଲୋକନାଟକ ଦର୍ଶକମାନଙ୍କୁ ବିଶେଷ ଆନନ୍ଦ ପ୍ରଦାନ କରିଥାଏ। ଏଥିରେ ଚିତ୍ତବିନୋଦନ ସହିତ ସମକାଳୀନ ସାମାଜିକ ରୀତିନୀତି, ଲୋକଚରିତ୍ର ଓ ଧର୍ମବିଶ୍ୱାସ ପ୍ରଭୃତି ରୂପାୟିତ ହୋଇଥାଏ। ଗଞ୍ଜାମ ଅଞ୍ଚଳର ଲୋକନାଟକ ଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ ଏ ଅଞ୍ଚଳର ଅନେକ ନାଟକ; ନାଟ୍ୟଧର୍ମ ବା ଏକ ନିର୍ଦ୍ଦିଷ୍ଟ ରୀତିରେ ପରିବେଷଣ କରାଯାଏ। ପ୍ରହ୍ଲାଦ ନାଟକ, ରାମନାଟକ ଆଦି ଏହି ଶ୍ରେଣୀର ନାଟକ। ଯାହା ମଞ୍ଚ, ସଙ୍ଗୀତ, ବାଦ୍ୟ ଓ ଅଭିନୟରେ ଶାସ୍ତ୍ରୀୟଧାରାକୁ ଅନୁସରଣ କରିଥାଏ। ଅନ୍ୟ କେତେକ ନାଟକରେ ନୃତ୍ୟର ଗୁରୁତ୍ୱ ରହିଥାଏ। ସଖୀନାଚ, ଗାହାଣ, ପାଇକନାଚ, ଲଉଡ଼ିନାଚ, ଢଣକୋଇଲା, ଇତ୍ୟାଦି ଏହି ଶ୍ରେଣୀର। ଏହି ନାଚ ଗୁଡ଼ିକରେ ମଣିଷର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ପ୍ରକାଶ ଲାଭ କରିଥାଏ। ସେହିପରି ଲୋକଧର୍ମକୁ ଆଧାର କରି ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଲକ୍ଷ୍ମୀପୁରାଣ, ଭାରତଲୀଳା ଆଦି ଦେଖିବାକୁ ମିଳିଥାଏ। ଏହାସହ ଲୋକ ପ୍ରକାଶଧାରାକୁ ନେଇ ସୃଷ୍ଟି ହୋଇଥିବା ନାଟରେ ବାଘନାଚ, ଚଢ଼େୟାନାଚ, ରଣପା ନୃତ୍ୟ, କେଳାକେଳୁଣୀ ଓ ରାଜାରାଣୀ ନାଟ, ବାଉଁଶରାଣୀ ଆଦି ପ୍ରଧାନ। ଏସବୁ ଭିତରେ 'ରଣପା' ନୃତ୍ୟ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ। ଗଞ୍ଜାମର ବହୁ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ଅରଣ୍ୟ ଜୀବନ ସହ ସମତଳ ଓ ଉପକୂଳ ଅଞ୍ଚଳ ମିଶି ରହିଛି। କିନ୍ତୁ ଅରଣ୍ୟ ପରିବେଷ୍ଟିତ ହୋଇଥିବା ହେତୁ ଏଠାକାର ନୃତ୍ୟରେ ଆରଣ୍ୟକ ଅନୁଭୂତି ପ୍ରତିଫଳିତ ହେବା ସ୍ୱାଭାବିକ। ଏପରି ଏକ ଅନୁଭୂତିକୁ ନେଇ 'ରଣପା' ନୃତ୍ୟ ଏ ଅଞ୍ଚଳରେ ବେଶ୍ ପ୍ରଭାବ





ବିସ୍ତାର କରିଥିବା ଅନୁଭବ କରିହୁଏ ।

'ରଣପା' ଶବ୍ଦଟି 'ରଣ' ଓ 'ପା'ର ସମାହାର। 'ରଣ' କହିଲେ ଯୁଦ୍ଧ ଓ 'ପା' କହିଲେ ପାଦକୁ ବୁଝାଏ। ଦୁଇଟି ବାଉଁଶବାଡ଼ିରେ ଏ ନୃତ୍ୟ ପ୍ରଦର୍ଶନ କରାଯାଏ। ଦୁଇଟି ବାଉଁଶବାଡ଼ିରେ ଦୁଇଟି ଛୋଟ କାଠି ବନ୍ଧାଯାଇ ତା' ଉପରେ ପାଦରଖି ନୃତ୍ୟ କରାଯାଏ। ପୌରାଣିକ କାହାଣୀ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୋପପୁରର ଗଉଡ଼ ବାଳକମାନଙ୍କ ସହ ଗାଈ ଚରାଉଥିଲେ। ଦ୍ୱାପର ଯୁଗ ସବୁଆଡ଼େ ଥିଲା ବଣଜଙ୍ଗଲରେ ପରିପୂର୍ଣ୍ଣ। ପଥ ଥିଲା କଣ୍ଟକିତ ଓ ସରୀସୃପଙ୍କ ଦ୍ୱାରା ବିପଦସଂକୁଳ। ତେଣୁ ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ସୁରକ୍ଷା ପାଇଁ ଦୁଇଗୋଟି ବାଉଁଶ ଆଣି ସେଥିରେ କାଠିକୁ ଶିଆଳି ଲଟାଦ୍ୱାରା ବାନ୍ଧି ତା' ଉପରେ ପାଦରଖି ଗାଈ ଚରାଇବାକୁ ଯିବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପ୍ରସ୍ତୁତ କରାଉଥିଲେ। ଗାଈ ଚରାଇବାବେଳେ ସମୟ କାଟିବା ପାଇଁ ଶ୍ରୀକୃଷ୍ଣ ବିଭିନ୍ନ ଭଙ୍ଗୀ ପ୍ରଦର୍ଶନକରି ସାଥୀମାନଙ୍କୁ ଆମୋଦିତ କରୁଥିଲେ। ବିଭିନ୍ନ ଉପକରଣ ଓ ବଂଶୀଧ୍ୱନୀ ମାଧ୍ୟମରେ ଶବ୍ଦ ସୃଷ୍ଟି କରାଯାଉଥିଲା। ବିଶ୍ୱାସ କରାଯାଏ; ଶ୍ରୀକୃଷ୍ଣଙ୍କ ଏହି ମାନବଲୀଳାକୁ ଦେଖିବାପାଇଁ ସ୍ୱର୍ଗରୁ ଦେବତାମାନେ ମଧ୍ୟ ଆସୁଥିଲେ। କ୍ରମେ ଏହା ଏକ ଲୋକନୃତ୍ୟର ରୂପଧାରଣ କରିଥିଲା। ଅନ୍ୟ କେତେଜଣ ମତବ୍ୟକ୍ତ କରନ୍ତି ଯେ; ପ୍ରାଚୀନ କଳିଙ୍ଗର ଅଧିବାସୀ ଥିଲେ ସମରପ୍ରିୟ। ପ୍ରାଚୀନ କଳିଙ୍ଗ କହିଲେ ଆଧୁନିକ ଓଡ଼ିଶାର ଦକ୍ଷିଣ ଭାଗକୁ ବୁଝାଏ। ଏ ଅଞ୍ଚଳସବୁ ଥିଲା ଦୁର୍ଗମ 'ଗିରି'ରେ ପରିପୂର୍ଣ୍ଣ। ବିପଦସଂକୁଳ ଅରଣ୍ୟ ପଥକୁ ଅତିକ୍ରମ କରି ଏ ଅଞ୍ଚଳର ଯୋଦ୍ଧାମାନେ ଶତ୍ରୁଙ୍କୁ ପରାସ୍ତ କରିବା ନିମନ୍ତେ 'ରଣପା' ବ୍ୟବହାର କରୁଥିଲେ। ଏହାର ବ୍ୟବହାର ଦ୍ୱାରା ସରୀସୃପ ଓ ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇବା ସହ କଣ୍ଟକିତ ରାସ୍ତାକୁ ଅତି ସହଜରେ ଏବଂ ସ୍ୱଳ୍ପ ସମୟରେ ଅତିକ୍ରମ କରି ହେଉଥିଲା। ବାଡ଼ି ବ୍ୟବହାର ଦ୍ୱାରା ଉତ୍ପନ୍ନ ଶବ୍ଦ ମଧ୍ୟ ସରୀସୃପମାନଙ୍କୁ ଦୂରେଇ ରଖୁଥିଲା। ଅନ୍ୟ କେତେକ ଆଲୋଚକଙ୍କ ମତରେ - ଅତୀତରେ ରାଜରାଜୁଡ଼ାଶାସନ ସମୟରେ ଦୂତମାନଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଯାଉଥିଲା। ସଡ଼କ ପଥ ଭଲନଥିବା ଅଭାବ ହେତୁ ଦୁର୍ଗମ ଅଞ୍ଚଳ ଅତିକ୍ରମ କରିବା ପାଇଁ 'ରଣପା' ବ୍ୟବହାର କରାଯାଉଥିଲା।

'ରଣପା' ନୃତ୍ୟ ଗଂଜାମ ଜିଲ୍ଲାର ଏକ ମୌଳିକ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ନୃତ୍ୟ ଛତିଶଗଡ଼ର ଆଦିବାସୀମାନଙ୍କ ଦ୍ୱାରା ମଧ୍ୟ ପ୍ରଦର୍ଶିତ ହେଉଥିବା ଦେଖାଯାଏ। ଏହି ନୃତ୍ୟକୁ ସେଠାରେ 'ଗେଡ଼ି' ନୃତ୍ୟ କୁହାଯାଏ। ପୁରୁଷ ଓ ସ୍ତ୍ରୀ ଉଭୟେ ପାଇକଚ୍ଛା ମାରି, ମୁଣ୍ଡରେ ପକ୍ଷୀର ପର ଓ ମୟୁରପୁଚ୍ଛ ଲଗାଇ, ପାଦରେ ଝୁମୁକାର ବଳା ପିନ୍ଧି ଏ ନୃତ୍ୟ ପରିବେଷଣ କରିଥା'ନ୍ତି। ଲାଲ୍‌ଶାଢ଼ୀ ଓ କଉଡ଼ିର ଅଳଙ୍କାର ମାନ ଧାରଣ କରିବା ସହ, ବୃତ୍ତାକାର ଭାବରେ ପର୍ବପର୍ବାଣିରେ ଏହି ନୃତ୍ୟ ପ୍ରଦର୍ଶନ କରିଥା'ନ୍ତି। ସେହିପରି ଅନେକ ସମୟରେ ସର୍କସ୍‌ରେ 'ରଣପା'ର ବ୍ୟବହାର ଦେଖାଯାଏ। ୧୨ ଫୁଟ ଲମ୍ବ ବାଉଁଶରେ ପାଦ ରଖିବା ପାଇଁ ପାହୁଲା ସଂଯୋଗ କରି, ଏମାନେ ନୃତ୍ୟ ପରିବେଷଣ କରିଥା'ନ୍ତି। ଆଧୁନିକ ଭାଓଲିନ୍ ଧରି ଏମାନେ ସଂଗୀତର ତାଳେତାଳେ ଭୂମି ସ୍ପର୍ଶ କରୁଥିବା ଲମ୍ବା ପ୍ୟାଣ୍ଟ, ସାଧାରଣ ପାଇଜାମା ଓ ମୁଣ୍ଡରେ ଟୋପି ଧାରଣ କରିଥା'ନ୍ତି। ଅନେକ ସମୟରେ ବିଜ୍ଞାପନ ପାଇଁ ମଧ୍ୟ 'ରଣପା' ବାଡ଼ିରେ ବିଭିନ୍ନ ଆକର୍ଷଣୀୟ ପୋଷାକ ପିନ୍ଧି ମେଳା, ମହୋତ୍ସବ ତଥା ଯାତ୍ରା ସମୟରେ ଏହି କଳାକାରମାନଙ୍କୁ ଦେଖିବାକୁ ମିଳିଥାଏ। ଏହାର ଲୋକପ୍ରିୟତା ଏତେ ବେଶି ଯେ 'ପ୍ରେମ ଅଢ଼େଇ ଅକ୍ଷର' ଚଳଚ୍ଚିତ୍ରରେ ନାୟକ ବାବୁଶାନ ସହିତ ରଣପା କଳାକାରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା।

**'ରଣପା' ନିର୍ମାଣ କୌଶଳ:** 'ରଣପା' ନୃତ୍ୟରେ ରଣପା ବାଡ଼ିର ଭୂମିକା ଅତ୍ୟନ୍ତ ଉପାଦେୟ। ଏହି ନୃତ୍ୟରେ ରଣପା ବାଡ଼ିକୁ ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରାଯାଉଥିବା ବେଳେ ଅନ୍ୟ ସମସ୍ତ ବାଦ୍ୟ ଉପକରଣଗୁଡ଼ିକ ସହାୟକ ଭୂମିକା ନିର୍ବାହ କରିଥାନ୍ତି। କିମ୍ବଦନ୍ତୀ କହେ ଶ୍ରୀକୃଷ୍ଣଙ୍କ ପ୍ରିୟ ବୃକ୍ଷ ଥିଲା ବାଉଁଶ। ବାଉଁଶ ନିର୍ମିତ ବଂଶୀ କୃଷ୍ଣଙ୍କର ଥିଲା ଅତି ପ୍ରିୟ। ଏହି ବଂଶୀସ୍ୱନରେ ସେ ଗୋପନାରୀମାନଙ୍କୁ ମୁଗ୍ଧ କରୁଥିଲେ। ପୁଣି ଗୋଗୋଷ୍ଠକୁ ଗଲାବେଳେ ବାଉଁଶ ବାଡ଼ି ଦ୍ୱାରା ଗାଈମାନଙ୍କୁ ଏକାଠି କରୁଥିଲେ। ଏହି ବାଉଁଶବାଡ଼ି 'ରଣପା' ନୃତ୍ୟର ମୁଖ୍ୟ ଉପାଦାନ। ପାକଳ ବାଉଁଶବାଡ଼ିକୁ ସଂଗ୍ରହ କରି ତାକୁ ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ସଳଖ ବାଉଁଶ ଗୁଡ଼ିକୁ ପାଣିରୁ ଛାଣି ନିଆଁରେ ଶୁଖାଯାଏ । ଗଣ୍ଠିଗୁଡ଼ିକୁ ଚାଞ୍ଛି ମସୃଣ କରାଯାଏ। ଏହାର ଉଚ୍ଚତା ରହେ ପାଞ୍ଚରୁ ସାତ ଫୁଟ। ବାଡ଼ିର ତଳଦରୁ ସତର ଇଞ୍ଚ ମଧ୍ୟରେ ପାହୁଲା ସଂଯୋଗ କରାଯାଏ। ପାହୁଲାଟିକୁ ଶିଆଳି ଲଇ ଦ୍ୱାରା ବନ୍ଧାଯାଏ। ଓଦା ଲଇ ବନ୍ଧା ହେବା ପରେ ଶୁଖିଯାଇ ଏପରି ଶକ୍ତ ହୁଏ ଯେ, ଯେତେ ନୃତ୍ୟ କଲେ ବି ହୁଗୁଳା ହୁଏ ନାହିଁ। ସ୍ଥଳବିଶେଷରେ ବର୍ତ୍ତମାନ ଝୋଟ ନିର୍ମିତ ଦଉଡ଼ିର ମଧ୍ୟ ବ୍ୟବହାର କରାଯାଏ।

**'ରଣପା' ନୃତ୍ୟର ପୋଷାକ ପରିକଳ୍ପନା:** 'ରଣପା'ର ପୋଷାକ ଗୁଡ଼ିକ ଗୌଡ଼ୀୟ ଓ ବୈଷ୍ଣବ ଚିନ୍ତାଧାରା ଦ୍ୱାରା ପ୍ରଭାବିତ। ସାଧାରଣତଃ ଶୁଭ କାର୍ଯ୍ୟରେ ହଳଦୀ ଓ ସିନ୍ଦୂର ଶୁଭ ବୋଲି ବ୍ୟବହାର କରାଯାଏ। ତେଣୁ 'ରଣପା' ନୃତ୍ୟର ପୋଷାକ ମଧ୍ୟ ଲାଲ ଓ ହଳଦିଆ ରଙ୍ଗ ହୋଇଥାଏ। କଳାକାରମାନେ ଲାଲ ରଙ୍ଗର ଖଦି ବସ୍ତ୍ରକୁ ପାଇକଚ୍ଛା ମାରି ବ୍ୟବହାର କରନ୍ତି ଏବଂ ହଳଦିଆ ରଙ୍ଗର ଫତେଇ ଦେହରେ ପିନ୍ଧନ୍ତି। ବସ୍ତ୍ର ହୁଗୁଳା ନହେବା ପାଇଁ କମରପଟି ବନ୍ଧାଯାଏ। ନୃତ୍ୟ ସମୟରେ ଏମାନେ ପଗଡ଼ି ବ୍ୟବହାର କରନ୍ତି। ପଗଡ଼ିରେ ମୟୁରପୁଚ୍ଛ, ପକ୍ଷୀର ପର, ଗଛର ଡାଳ ଲଗାଯାଇ ଏହାକୁ ଆକର୍ଷଣୀୟ କରାଯାଏ। ଏପରିକି ଶାଢ଼ୀର ସୁନ୍ଦର ଧଡ଼ୀକୁ ଫତେଇରେ ଯୋଡ଼ଯାଇ, ଏହାକୁ ଅଧିକ ସୁନ୍ଦର କରାଯାଇଥାଏ।

**'ରଣପା' ନୃତ୍ୟର ଆଭୂଷଣ:** 'ରଣପା' ନୃତ୍ୟରେ ବ୍ୟବହୃତ ପ୍ରସାଧାନ ସରଳ। ଜନସାଧାରଣଙ୍କ ବ୍ୟବହାର ସାମଗ୍ରୀକୁ ନେଇ ଏହା ପରିକଳ୍ପିତ। 'ରଣପା' ନୃତ୍ୟରେ ସିନ୍ଦୁରର ଶିରୀ ଓ ଚନ୍ଦନର ଟିପା କଳାକାରମାନେ ଧାରଣ କରିଥା'ନ୍ତି। ପରମ୍ପରା ଅନୁସାରେ କଉଡ଼ି ଓ ପୋହଳାର ମାଳ; ଗଳା ଓ ବାହୁରେ ବନ୍ଧା ଯାଇଥାଏ। ଆଲୁମିନିୟମ୍ ତିଆରି କଙ୍କଣ ମଧ୍ୟ କଟିରେ ଧାରଣ କରାଯାଉଥାଏ। ଏହା ସହ କାଚମାଳି ବାହୁରେ ବାଜୁବନ୍ଧ ରୂପେ ବ୍ୟବହୃତ ହୋଇଥାଏ।

**'ରଣପା' ନୃତ୍ୟର ବାଦ୍ୟଯନ୍ତ୍ର:** ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ପଞ୍ଚଧ୍ୱନିର ବ୍ୟବହାର ଦେଖିବାକୁ ମିଳେ। ସେଗୁଡ଼ିକ ହେଲା ନଖଜ, ବାୟୁଜ, ଚର୍ମଜ, ଧାତୁଜ ଓ କଣ୍ଠଜ। ପୁଣି ଚାରି ପ୍ରକାର ବାଦ୍ୟ ଯନ୍ତ୍ର ଯଥା -'ତତ୍‌ବାଦ୍ୟ': ଅର୍ଥାତ୍ ଯେଉଁ ବାଦ୍ୟରେ ତାର ସଂଯୋଗ ହୋଇ ଝଙ୍କାର ଦ୍ୱାରା ଧ୍ୱନି ସୃଷ୍ଟି ହୁଏ, ତାହାକୁ ତଡ଼ବାଦ୍ୟ କୁହାଯାଏ। ବେହେଲା, କେନ୍ଦେରା, ସିତାର, ବୀଣା, ଘୁଡ଼ୁକି ଆଦି ଏହି ଶ୍ରେଣୀର ବାଦ୍ୟ। ଅନ୍ୟଏକ ବାଦ୍ୟ ହେଉଛି 'ସୁଷିର' ଅର୍ଥାତ୍ ବାୟୁ ଦ୍ୱାର ଏହି ଧ୍ୱନି ଉତ୍ପନ୍ନ କରାଯାଏ। ବଂଶୀ, ମୁଖବୀଣା, ଶାହାନାଇ, ମହୁରୀ ଆଦି ଏହି ଶ୍ରେଣୀର ବାଦ୍ୟ। ପୁଣି ଯନ୍ତ୍ରର ମୁହଁକୁ ଚର୍ମ ଦ୍ୱାରା ଆବୃତ୍ତ କରି ହାତ କିମ୍ବା କୌଣସି ବସ୍ତୁ ଦ୍ୱାରା ଆଘାତକରି ଯେଉଁ ଧ୍ୱନି ସୃଷ୍ଟି କରାଯାଏ ତାହାକୁ 'ଅବନଦ୍ଧ' ବାଦ୍ୟ କୁହାଯାଏ। ଢୋଲ, ଚାଙ୍ଗୁ, ମୃଦଙ୍ଗ, ତବଲା ଆଦି ଏହି ଶ୍ରେଣୀର ବାଦ୍ୟ। ଶେଷରେ ଧାତୁ ଦ୍ୱାରା ନିର୍ମିତ ବାଦ୍ୟ; ବସ୍ତୁ କିମ୍ବା ବାଡ଼ି ଦ୍ୱାରା ଆଘାତ ପାଇ ଶବ୍ଦ ସୃଷ୍ଟି କଲେ ତା'କୁ 'ଘନବାଦ୍ୟ' କୁହାଯାଏ। ଝାଞ୍ଜ, ଗିନି, ଘଣ୍ଟା, ଘଣ୍ଟି, କରତାଳ ଆଦି ଏହି ଶ୍ରେଣୀର ବାଦ୍ୟ। କିନ୍ତୁ 'ରଣପା' ନୃତ୍ୟରେ ମୁଖ୍ୟ ବାଦ୍ୟ ହେଉଛି ଚାଙ୍ଗୁ ଓ ଢୋଲ । ଏହା 'ଅବନଦ୍ଧ' ବାଦ୍ୟ ଶ୍ରେଣୀୟ। ବିଶେଷ କରି ଚାଙ୍ଗୁବାଦ୍ୟକାର ରଣପା ନୃତ୍ୟବେଳେ, ବିଭିନ୍ନ ମୋଡ଼ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ। ଚାଙ୍ଗୁବାଦ୍ୟ ପନ୍ଦର ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବାଉଁଶ ଫ୍ରେମ୍ ଉପରେ ଗୋରୁ ଚମଡ଼ା ଦ୍ୱାରା ଆବୃତ୍ତ ହୋଇଥାଏ। ଭିତରପଟୁ, ଗୋରୁ ଚମଡ଼ା ନିର୍ମିତ ଦଉଡ଼ିରେ ଏହାକୁ ବନ୍ଧା ଯାଇଥାଏ। ଭଲ ଶବ୍ଦ ନିମନ୍ତେ ସମୟେ ସମୟେ ଏହାକୁ ନିଆଁରେ ସେକ ଦେବାକୁ ପଡ଼ିଥାଏ । ଏକ ଫୁଟ ଲମ୍ବର ଗୋଟିଏ ସରୁ କାଠି ଓ ଦଶଇଞ୍ଚ ଲମ୍ବର ଅଗ୍ରଭାଗ ସରୁଥିବା ମୋଟା ବାଡ଼ି; ଏହି ବାଦ୍ୟକୁ ବଜାଇବା ନିମନ୍ତେ ବ୍ୟବହାର କରାଯାଏ। ମୋଟାବାଡ଼ିକୁ ଡାହାଣ ହାତରେ ଓ ସରୁ ବାଉଁଶ କାଠିକୁ ଆଙ୍ଗୁଠି ଭିତରେ ଧରି ବାଦ୍ୟ ବଜାଯାଏ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ଢୋଲ। ଚାରିଫୁଟ ପରିଧି ଓ ତିନିଫୁଟ ଲମ୍ବ ଗମ୍ଭାରୀ କିମ୍ବା ତାଳ କାଠରେ ଏହା ନିର୍ମାଣ କରାଯାଏ। ଏହାର ମଝି ଅଂଶ ଫମ୍ପା ଥାଏ। ଦୁଇପଟକୁ ଗୋରୁ ଚମଡ଼ାରେ ଆବୃତ କରାଯାଏ। ଚମଡ଼ା ତିଆରି ଦଉଡ଼ିରେ ଢୋଲର ଉପର ଦେଇ ଏହାକୁ ବନ୍ଧାଯାଏ। ଡାହାଣପଟକୁ ଦଶଇଞ୍ଚ ଲମ୍ବ କାଠି ଏବଂ ବାମପଟକୁ ହସ୍ତ ସଞ୍ଚାଳନ ଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଏ। ସେହିପରି ଅନ୍ୟ ଏକ ବାଦ୍ୟ ହେଲା ମହୁରୀ। ଏହା 'ସୁଷିର' ବାଦ୍ୟ ଶ୍ରେଣୀୟ। ଛଅ ଇଞ୍ଚ ଲମ୍ବା ଏକ ଫମ୍ପା ବାଉଁଶ କିମ୍ବା ଶିଶୁଆ କାଠର ନଳୀ ଉପରେ, ସାତଟି ଗର୍ତ୍ତ କରି ଏହା ତିଆରି କରାଯାଇଥାଏ। ଉପର ସରୁ ଅଂଶର ଶେଷ ଭାଗରେ ଗୋଟିଏ ତମ୍ବାପାତିଆ ସଂଯୋଗକରି ଏକଇଞ୍ଚ ବ୍ୟବଧାନରେ ତାଳ ପତ୍ରରେ ନିର୍ମିତ ପିକକୁ ସ୍ୱର ଉତ୍ପାଦନକାରି ଯନ୍ତ୍ରରୂପେ ଏହାକୁ ବ୍ୟବହାର କରାଯାଏ। ଏହାଛଡ଼ା କରତାଳ, ତୁମ୍ବା, ବଂଶୀ, ଗିନି ଇତ୍ୟାଦି ବାଦ୍ୟଯନ୍ତ୍ରର ସଂଯୋଗରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଏ।

'ରଣପା' ନୃତ୍ୟ ସାଧାରଣତଃ ବାଦ୍ୟ, ସଂଗୀତ ଓ ନୃତ୍ୟର ସମାହାରରେ ପରିକଳ୍ପିତ। ଏକ ପ୍ରଶସ୍ତ ସମତଳ ଶୁଷ୍କ ସ୍ଥାନରେ ଏହାକୁ ପରିବେଷଣ କରାଯାଏ। ଚାଙ୍ଗୁ, ଢୋଲ, ମହୁରୀ ଓ ରଣପା କଳାକାରମାନେ ଦଳବଦ୍ଧ ଭାବେ ମଞ୍ଚରେ ଏକତ୍ରିତ ହୁଅନ୍ତି। ଚାଙ୍ଗୁ ବାଦକ ତାଳ ଦ୍ୱାରା ନୃତ୍ୟର ମଙ୍ଗ ଧରେ। ତା'ପରେ ଚାଙ୍ଗୁବାଦ୍ୟର ତାଳେତାଳେ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟ ଦଳରେ ଦଶ ବାର ଜଣ ଦଳଗତ ଭାବେ ନୃତ୍ୟ ପରିବେଷଣ କରନ୍ତି। ଦୁଇ ହାତରେ ରଣପା ଦଣ୍ଡ ଧରି ପାହୁଲା ଉପରେ ପାଦର ବୃଦ୍ଧା ଓ ତର୍ଜନୀ ଆଙ୍ଗୁଳି ଦ୍ୱାରା ବାଡ଼ିକୁ ଜାବୁଡ଼ି ଧରି ନୃତ୍ୟ କରିବାକୁ ପଡ଼ିଥାଏ। ଏଥିରେ ଶରୀରର ଭାରସାମ୍ୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ। କଳାକାରମାନେ ଶ୍ରୀକୃଷ୍ଣ ବିଷୟ ସମ୍ବଳିତ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଭକ୍ତ ଚରଣଙ୍କ 'କଳାକଳେବର କହ୍ନାଇ' ପ୍ରାୟତଃ ଗାନ କରିଥା'ନ୍ତି। ଯେପରିକି -

*''କୋଇଲି ଲକ୍ଷ୍ମୀବନ୍ତ ଅଟେ ନାରାୟଣ।*
*ଲଳିତରେ ନାମଦେଲେ ଖାର୍ଗବ ବ୍ରାହ୍ମଣ, ଲୋ କୋଇଲି।*
*କୋଇଲି, ବୃନ୍ଦାବନ ନ ଶୋଭଇ ମୋର।*
*ବସ୍ତା କିଏ ଚରାଇବ ଯମୁନାତୀର, ଲୋ କୋଇଲି।'' (କେଶବକୋଇଲି)*

*ଏବଂ ''କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ।*
*କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।୧।*
*ଖସିପଡୁଛି କି ଆକାଶୁ ଏକି ଗଙ୍ଗା ଯମୁନା।*
*କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା।୨।*
*ଗହନ କାନନ ବନରେ ଘୋର ବରଷା କାଳ।*
*ଗିରିବାମ କରେ ଧଇଲେ ନନ୍ଦ ଯଶୋଦା -ବାଳ ।୩।*
*ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି।*
*ଘେନି ବତ୍ସାବୃନ୍ଦ ସଙ୍ଗତେ ବନେ ବୁଲନ୍ତି ନିତି ।୪।'' (କଳାକଳେବର କହ୍ନାଇ)*

ଏହି ନୃତ୍ୟକୁ ମୁକ୍ତମଞ୍ଚ ଏବଂ ବ୍ୟବସାୟିକ ମଞ୍ଚ ଉଭୟରେ ପରିବେଷଣ କରାଯାଇପାରେ। ମୁଖ୍ୟତଃ ଏହା ଏକ ମୁକ୍ତମଞ୍ଚର ନୃତ୍ୟ। ରାଜଦାଣ୍ଡ, ଛକ, ଦେବୀ ମଣ୍ଡପ, ମେଳା ମହୋତ୍ସବରେ



ଏହି ନୃତ୍ୟ ପରିବେଷଣ କରାଯାଏ। ବୀର ରସ ଏହାର ମୁଖ୍ୟ ଆଧାର ହେଲେ ହେଁ, ବାତ୍ସଲ୍ୟ ରସର ପ୍ରୟୋଗ ମଧ୍ୟ ଏହି ନୃତ୍ୟରେ ଦେଖିବାକୁ ମିଳେ। ଅତୀତରେ ଏହି ନୃତ୍ୟ କେବଳ ଭଗବତ୍ ଚେତନା ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଉଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହ ସଂପ୍ରତି ଜନସଚେତନତା ସୃଷ୍ଟି କରିବା ଦିଗରେ ଏହାକୁ ବ୍ୟବହାର କରାଯାଉଛି।

ବସ୍ତୁତଃ ଏହି ଧାରାକୁ ଅବ୍ୟାହତ ରଖିବାକୁ ହେଲେ ଏହି ନୃତ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏକାନ୍ତ ଆବଶ୍ୟକ। ସଂପ୍ରତି କୌଣସି କଳାରୂପକୁ ବଞ୍ଚାଇବା ପାଇଁ ପ୍ରାୟୋଜକ ଯୋଗାଡ଼ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ରାଜା, ଜମିଦାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହଯୋଗରେ ଲୋକନୃତ୍ୟ ଗୁଡ଼ିକ ବଞ୍ଚି ରହିବା ଦିଗରେ ସକ୍ଷମ ହୋଇଥିଲେ । ବର୍ତ୍ତମାନର 'ବିଶ୍ୱଗ୍ରାମ ପରିକଳ୍ପନା' ପ୍ରେକ୍ଷାପଟ୍ଟରେ ଏହି ନୃତ୍ୟ ନିମନ୍ତେ ଇଣ୍ଟରନେଟ୍‌ରେ ୱେବ୍‌ସାଇଟ୍ ତିଆରି କରି ଏହାକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ଏକାନ୍ତ ଆବଶ୍ୟକ । ଏତଦ୍‌ବ୍ୟତୀତ ଏହାର ଦୃଶ୍ୟଚିତ୍ର ଆଧୁନିକ କୌଶଳରେ ପ୍ରସ୍ତୁତ କରି ବଜାରରେ ପ୍ରସାରିତ କରିବା ଆବଶ୍ୟକ । ପୁଣି ଏହାର ବିଷୟବସ୍ତୁ ଏବଂ ପରିବେଷଣ କୌଶଳକୁ ମଧ୍ୟ ପାରମ୍ପରିକତା ସହ ଆଧୁନିକତାର ସ୍ପର୍ଶ ଦେଲେ ହିଁ, ଏହି ନୃତ୍ୟ କାଳବକ୍ଷରେ ଆପଣାର ସ୍ୱାକ୍ଷର ଅଧିକ ଉଜ୍ଜ୍ୱଳ କରି ଗଢ଼ିତୋଳିବ, ଏଥିରେ ସନ୍ଦେହ ନାହିଁ।

# '୫-ଟି'ର କମାଲ୍ ରାଜ୍ୟବାସୀଙ୍କ ମନକୁ ଛୁଉଁଛି !

ଭାରତବର୍ଷରେ ଦୁର୍ନୀତିର ଚେର ଲମ୍ବି ଲମ୍ବି ଚାଲିଥିବାରୁ ଭାରତୀୟଙ୍କ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ସବୁ କ୍ଷେତ୍ରରେ ଦୁର୍ନୀତି ଓ ଅନିୟମିତତା ବଢି ଚାଲିଛି। ସମସ୍ତେ ଅସାଧୁ ଉପାୟରେ ନିଜ ସ୍ୱାର୍ଥ ହାସଲ ପାଇଁ ଲାଗି ପଡ଼ିଛନ୍ତି। ରାଜନୈତିକ ନେତା ଓ ଅଧିକାରୀ ନିଜ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସଚେତନ ରହିବାକୁ ଆଗ୍ରହୀ ହେଉନାହାଁନ୍ତି। ଆଇନ ଓ ସମ୍ବିଧାନକୁ ମାନିବାକୁ କେହି ପ୍ରସ୍ତୁତ ନାହାନ୍ତି। ଏଇ ଅବସ୍ଥାରେ ଦେଶ ଏକ ଅନ୍ଧକାର ଭବିଷ୍ୟତ ଆଡ଼କୁ ଠେଲି ହୋଇ ଚାଲିଛି। ଦୁର୍ନୀତିମୁକ୍ତ ସ୍ୱଚ୍ଛ ନିର୍ମଳ ଶାସନର ଡିଣ୍ଡିମ ପିଟି ଶାସନ ଗାଦିରେ ବସି ଆସୁଥିବା ନେତାମାନେ ଦୁର୍ନୀତି ରୋକିବାରେ କେତେ ସକ୍ଷମ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପିସି ସଂସ୍କୃତି ଦେଶରେ ଯେଭଳି ପ୍ରସାର ଲାଭ କରି ଚାଲିଛି, ଏଠାରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଥିବା ପରି ମନେହେଉନାହିଁ। ବିଭିନ୍ନ କଲ୍ୟାଣକାରୀ ଯୋଜନା ବା ପ୍ରକଳ୍ପ ବିଫଳ ହେବାରେ 'ପିସି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିଯୋଗୁ ଗରିବ ଓ ଦଳିତ ପ୍ରଜା ମୌଳିକ ସେବା ପାଇବାରୁ ବଂଚିତ ହେଉଛନ୍ତି। ନିର୍ମାଣ କାର୍ଯ୍ୟଗୁଡ଼ିକ ଅତି ନିମ୍ନମାନର ହେଉଥିବା ଅଭିଯୋଗ ସତ୍ୱେ ସରକାର ଏହାର ସ୍ଥାୟୀ ପ୍ରତିକାର କରୁନାହାନ୍ତି।

କିନ୍ତୁ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ଅନ୍ୟାନ୍ୟ ରାଜ୍ୟଠାରୁ ଭିନ୍ନ। ଗତ ୩ ବର୍ଷ ଭିତରେ ନବୀନ ସରକାର ସାମ୍ନା କରିଥିଲା କୋଭିଡ୍ ଭଳି ମହାମାରୀକୁ। ଏହି ସମୟରେ ବିଭିନ୍ନ ସମସ୍ୟାର ସଫଳ ମୁକାବିଲା ସହ ବିକାଶର ନୂଆ ଅଧ୍ୟାୟ ଲେଖି ଓଡ଼ିଶା ପାଲଟିଛି ବିଶ୍ୱର ରୋଲ୍ ମଡ଼େଲ୍। ଆଉ ସବୁ ସଫଳତା ପଛରେ ରହିଛି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସଫରମେସନ୍। ଏହି ୫-ଟି ମନ୍ତ୍ରରେ ଆଗେଇ ଚାଲିଛି ଓଡ଼ିଶା। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ ଆଦି ସବୁଥିରେ ଆସିଛି ଯୁଗାନ୍ତକାରୀ ପରିବର୍ତ୍ତନ। ନବୀନ ପଟ୍ଟନାୟକଙ୍କ ୨୨ ବର୍ଷର ଲଗାତାର ଶାସନ ଭିତରେ ଗତ ୩ ବର୍ଷରେ ପ୍ରଶାସନିକ ବ୍ୟବସ୍ଥାରେ ଆସିଛି ବୈପ୍ଳବିକ ରୂପାନ୍ତରଣ। ଇତିମଧ୍ୟରେ ଆହୁରି ସକ୍ରିୟ ହୋଇଛି ସରକାରୀ କଳ। କରୋନା ମହାମାରୀ ସମୟରେ ବି ପ୍ରାଥମିକ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ଓଡ଼ିଶା। ଏସବୁ ସମ୍ଭବ ହୋଇଛି ୫-ଟିର ସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ। ସେହିପରି ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଆଶ୍ଚର୍ଯ୍ୟ ଜନକ ପରିବର୍ତ୍ତନ ଆସିଛି। ଗରିବ ଲୋକ ମାନଙ୍କୁ ନିର୍ଭୟ କରାଇ ଦେଇଛି 'ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼"। ତେବେ ୫-ଟି ଯୋଜନାରେ ଏସ୍‌ସିବିର ନବକଳେବର କାର୍ଯ୍ୟ ଆରମ୍ଭ ହୋଇଛି। ଏପରିକି କୋଭିଡ୍ ମୁକାବିଲା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଦ୍ଧକାଳୀନ ଭିତିରେ ମଜଭୁତ ଭିତିଭୂମି ଛିଡ଼ା କରାଇ ପାରିଥିଲା, ଯାହା କଳ୍ପନାର ବାହାରେ ଥିଲା। କୌଣସି ଏକ ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ କାମ ପାଇଁ ଏତେ ଶୋଷିତ ଓ ନିର୍ଯ୍ୟାତିତ ହେଉଛନ୍ତି ଯେ ତାହା ଅବର୍ଣ୍ଣନୀୟ। ତେବେ ଏହି ଅନୈତିକ କାର୍ଯ୍ୟ ବନ୍ଦ ପାଇଁ ଓଡ଼ିଶା ସରକାରଙ୍କ ପାଖରେ ପ୍ରଭାବଶାଳୀ ଯୋଜନା ରହିଛି। ଅବଶ୍ୟ ୫-ଟି ଏହି ସମସ୍ୟା ସମାଧାନର ଏକ ମାଧ୍ୟମ ହୋଇପାରେ। ହେଲେ କେତେକ ସରକାରୀ ଅଧିକାରୀ ଓ କର୍ମଚାରୀ ବିନା ଲାଂଚରେ କୌଣସି କାମ କରନ୍ତି ନାହିଁ। ମାତ୍ର ଏବେ ସରକାର ସଂପୃକ୍ତ ଅଧିକାରୀ ବା କର୍ମଚାରୀଙ୍କ କାର୍ଯ୍ୟ ଉପରେ ଦୃଷ୍ଟି ରଖୁଛନ୍ତି। ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଧରିବାରେ ଓଡ଼ିଶା ଆଜି ସବୁଠାରୁ ଆଗରେ ରହିଛି। ଛୋଟ ସରକାରୀ କର୍ମଚାରୀ ହୁଅନ୍ତୁ କି ବଡ଼ ଅଧିକାରୀ, ଦୁର୍ନୀତି କଲେ କାହାରିକୁ ନିସ୍ତାର ନାହିଁ। ଏପରିକି ସେମାନଙ୍କୁ ଛାଡୁନି ୫-ଟି ଖଣ୍ଡା। ସୁଖର କଥା ଯେ, ନବୀନ ପଟ୍ଟନାୟକଙ୍କ ସରକାର ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ସରକାରୀ ଚାକିରିରୁ ବିଦା କରିବାରେ ଲାଗିଛନ୍ତି। ସେମାନଙ୍କ ବିରୁଦ୍ଧରେ ବର୍ଷବର୍ଷ ତଳୁ ଭିଜିଲାନ୍ସ ମାମଲା ରହିଥିଲା ଓ ସେମାନେ ଦୋଷୀ ସାବ୍ୟସ୍ତ ହେଉଛନ୍ତି। ସେହିପରି ଏ ପାଳି ସରକାରରେ ସବୁଠୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି ଆମ ଐତିହ୍ୟ ଓ କୀର୍ତ୍ତିରାଜି ଛିଡ଼ା ହୋଇଥିବା ଅଂଚଳରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଓ ୫-ଟି ସଚୀବ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ରାଜ୍ୟରେ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆଗେଇ ଚାଲିଛି। ଶ୍ରୀକ୍ଷେତ୍ର, ଏକାମ୍ରକ୍ଷେତ୍ରରେ ପରିବର୍ତ୍ତନର ଝଲକ ସମସ୍ତଙ୍କ ମନକୁ ଛୁଇଁଛି। ତାରାତାରିଣୀ ପୀଠର ବିକାଶ ଓଡ଼ିଶାବାସୀଙ୍କୁ ଆକର୍ଷିତ କରିଛି। ଆଗାମୀ ଦିନରେ ମଧ୍ୟ ଆହୁରି ଅନେକ ଐତିହ୍ୟ ସ୍ଥଳର ବିକାଶ ହୋଇଚାଲିବ ବୋଲି କୁହାଯାଇଛି।

ମହିଳା ସଶକ୍ତିକରଣରେ ଓଡ଼ିଶା ପାଲଟିଛି ମଡ଼େଲ୍। ଏପର୍ଯ୍ୟନ୍ତ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ମିସନ ଶକ୍ତିରେ ଯୋଡ଼ି ସେମାନଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବିକଶିତ କରାଯାଇଛି। ଆସନ୍ତା ୫ ବର୍ଷ ଭିତରେ ମିସନ୍ ଶକ୍ତି ମାଧ୍ୟମରେ ୪୯୭୩ କୋଟି ଟଙ୍କା ବିନିଯୋଗ କରାଯିବ। ମହିଳା ମାନଙ୍କୁ ରୋଜଗାର ମିଳିବା ସହ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବ। ଏଥିରେ ୧୨୦୦ କୋଟିର ସୁଧ ରିହାତି ବ୍ୟବସ୍ଥା ରହିଛି। ୪୦ ଲକ୍ଷ ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ଏଥିସହ ଏସ୍‌ଏଚ୍‌ଜି ପ୍ରସ୍ତୁତି ସାମଗ୍ରୀ ବିକ୍ରି ପାଇଁ ୫୦୦ ମିଶନ ଶକ୍ତି ବଜାର ଛିଡ଼ା କରାଯିବ। ପ୍ରତି ଜିଲ୍ଲା, ବ୍ଲକ୍‌ରେ ମିଶନ ଶକ୍ତି ଗୃହ ପ୍ରତିଷ୍ଠା ହେବ। ଗାଁରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଏସ୍‌ଏଚ୍‌ଜି ମହିଳାଙ୍କୁ ବ୍ୟାଙ୍କସାଥୀ ଭାବେ ନିଯୁକ୍ତି କରାଯିବ। ଆହାର କେନ୍ଦ୍ରରେ ଖାଦ୍ୟ ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା ସହ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ମହିଳା ଆଜି ବିକାଶର ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ୫-ଟି ଯୋଜନାରେ ମୁଖ୍ୟ ଫୋକସରେ ରହିଛି ରାଜ୍ୟରେ ମହିଳା ସଶକ୍ତିକରଣ। ମିଶନ ଶକ୍ତି ମହିଳା ସଶକ୍ତିକରଣ ଦିଗରେ ଏକ ମହା ଆନ୍ଦୋଳନର ରୂପ ନେଇଛି। ଏହାଫଳରେ ଗ୍ରାମାଂଚଳ ମହିଳା ଆଜି ସ୍ୱାବଲମ୍ବୀ ହେବା ସହ ଆର୍ଥିକ ସ୍ତରରେ ସୁଦୃଢ ହୋଇଛନ୍ତି। ମହିଳାମାନଙ୍କ ବିକାଶ ପାଇଁ ମିଶନ ଶକ୍ତିକୁ ସ୍ୱତନ୍ତ୍ର ବିଭାଗ କରାଯାଇଛି। ତେବେ ଦେଶର ବିଭିନ୍ନ ରାଜ୍ୟ ଏବେ ଓଡ଼ିଶାର ମିଶନ ଶକ୍ତିକୁ ମଡ଼େଲ୍ ଭାବେ ଗ୍ରହଣ କରିଛନ୍ତି। ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାର ଏହି ମଡ଼େଲକୁ ଢେର ପ୍ରଶଂସା ମିଳିଛି। ସେହିପରି ଓଡ଼ିଶାବାସୀଙ୍କୁ ସରକାରୀ ସେବା ଯୋଗାଣରେ ନବୀନ ସରକାର ବହୁ ଆଗରେ ରହିଛନ୍ତି। ଏକଦା ରାଜ୍ୟ ସଚିବାଳୟ ପାଖରୁ ଆରମ୍ଭ କରି ଗ୍ରାମପଂଚାୟତ ଅଫିସ୍ ପର୍ଯ୍ୟନ୍ତ ଯେଉଁ ଦୁର୍ନୀତିର ଚେର ମଜଭୁତ୍ ହୋଇଯାଇଥିଲା, ଆଜି ତାହାର ଟିକିଏ ବି ଚିହ୍ନ ନାହିଁ।



ତେବେ କିଛିବର୍ଷ ତଳୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ କେତେକ ବୃହତ୍ କମ୍ପାନୀ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସିଛନ୍ତି ଓ ଆସୁଛନ୍ତି। କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସଂକେତ ହୋଇଛି। ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ ହୋଇଛି। ଆଇନକାନୁନ୍ ବ୍ୟବସ୍ଥା ମଧ୍ୟ ସ୍ୱାଭାବିକ ହୋଇଛି। ଆମ ରାଜ୍ୟ ସରକାର ଆମ ଶ୍ରମିକମାନଙ୍କୁ କର୍ମନିଯୁକ୍ତି ଦେଇପାରିବାର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାରେ କାର୍ଯ୍ୟକ୍ଷମ ଶହ ଶହ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସମେତ ଖଣି ଶିଳ୍ପ, ପର୍ଯ୍ୟଟନ ଶିଳ୍ପ, ମତ୍ସ୍ୟ ଶିଳ୍ପ ଆଦିରେ ଲକ୍ଷ ଲକ୍ଷ ଲୋକେ କାର୍ଯ୍ୟ କରୁଛନ୍ତି। ତଥାପି ଓଡ଼ିଆ ଲୋକେ କାମ ପାଇଁ ଦେଶ-ବିଦେଶକୁ ଯାଉଛନ୍ତି। ବେଳେବେଳେ ସେଠାରେ ନିର୍ଯ୍ୟାତିତ ହେଉଛନ୍ତି। ସବୁଠୁ ବଡ଼କଥା ହେଲା, ଓଡ଼ିଆ ଲୋକଙ୍କୁ ଓଡ଼ିଶାରେ ନିଯୁକ୍ତି ମିଳିବା ଉଚିତ। ଏ କ୍ଷେତ୍ରରେ ଆମ ସରକାରଙ୍କ ଦ୍ୱାରା ଉଦ୍ୟମ ହେବା ଉଚିତ। ଓଡ଼ିଆ ଶ୍ରମିକର ବିକାଶ ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ। ଚାଷୀଙ୍କର ଆୟ ବୃଦ୍ଧି ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଓଡ଼ିଶା ସରକାରଙ୍କ ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନ ଯୋଜନାରେ ଯଥେଷ୍ଟ ସହାୟତା ଦିଆଯାଉଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅପ୍ରେଲ ୬

# ବିଶ୍ରବା ଭୁଲ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିଶ୍ରବା ଋଷି ପୁଙ୍ଗବ, ପୁଲସ୍ତ୍ୟ ଋଷିଙ୍କ ପୁଅ, ପୁଲସ୍ତ୍ୟ ସପ୍ତଋଷି ମଧ୍ୟରୁ ଅନ୍ୟତମ। ଏ ସପ୍ତଋଷି ବ୍ରହ୍ମାଙ୍କର ମାନସ ସନ୍ତାନ, ଅତଏବ ବଂଶ ବୃକ୍ଷ ନିର୍ମାଣ କଲେ। ବ୍ରାହ୍ମଣ ପୁଲସ୍ତ୍ୟ ବିଶ୍ରବା ଏଇ ବିଶ୍ରବାଙ୍କ ପୁଅ ମାନଙ୍କ ମଧ୍ୟରେ ରାବଣ ଅନ୍ୟତମ। ରାବଣ, ବ୍ରହ୍ମାଙ୍କର ଚତୁର୍ଥ ପୁରୁଷ। ବିଶ୍ରବା ନାମ ଋଷି ପୁଲସ୍ତ୍ୟ ଦେଇଥିଲେ। ଯେ ବିଶେଷ ଶ୍ରବଣ କରିବ। ସଂସାରରେ ଅନେକ ଶବ୍ଦ ଅଛି ସବୁ ଶବ୍ଦରେ ସେ ଅଭିଜ୍ଞ ହେବ। ସବୁ ପ୍ରକାର ଶବ୍ଦ କହିଲେ ଶବ୍ଦ ବିଜ୍ଞାନୀମାନେ ଧାର୍ଯ୍ୟ କରିଥିବା ଡେସିବଲ ସ୍କେଲରେ ୧୬ରୁ ୧୬୦୦ ତରଙ୍ଗ ମଧ୍ୟରୁ ଶ୍ରୁତି ଯୋଗ୍ୟ ଶବ୍ଦ ଯାହା ସାଧାରଣରେ ଲାଗେ, ମାତ୍ର ଏହାଠାରେ କମ ଏହିଠାରୁ ବେଶୀ କେବଳ ଅତିଶ୍ରବା ବା ବିଶ୍ରବା ମାନେ ଶୁଣି ପାରନ୍ତି। ବିଶ୍ରବା ଏ ମଧ୍ୟରେ ଜଣେ ସେ ସବୁ ଶବ୍ଦରେ ଧୁରୀଣ ହେବାକୁ ଋଷିଙ୍କ ପ୍ରୟାସ ଥିଲା। ଋଷିମାନେ ଖୋୟାଲି ନୂତନ ସୃଷ୍ଟି ତାଙ୍କର ଉଦ୍ଦେଶ୍ୟ, ଏଥିରେ ଅଙ୍କୁରିତ ଆଶାରୁ ବିଶ୍ରବା ସୃଷ୍ଟି। ମନୁଷ୍ୟ ଜୀବନ ଏ ଲାଭ ଯଦି ଗୋବିନ୍ଦେ କରେ ଭାବ ଏ ଭଗବତବାଣୀରେ ଅଛି ଗୋବିନ୍ଦ ସହିତ କେମିତି ଭାବ ହେବ, ଯାହାଙ୍କୁ ଭୋଗ ଦେଇ କାକୁତି ମିନିତି ହୋଇ ଡର ଦେଖାଇ ବଶୀଭୂତ କରିହୁଏ ନାହିଁ। କେବଳ ମର୍ମ ଜାଣି ତାଙ୍କର କେତେକ ମାର୍ଗରେ ଗଲେ ତାଙ୍କ ସହିତ ଭାବ ହୋଇପାରେ ଗୋବିନ୍ଦଙ୍କ ମାର୍ଗରୁ ଏକମାର୍ଗ ହେଉ ପରପାଇଁ ସେବା ଯୋଗାଇଲେ ଗୋବିନ୍ଦ ସନ୍ତୋଷ ହୋଇପାରନ୍ତି। ଏଥିରେ ଭାବଲଗା ଏ ମଧ୍ୟରେ ଏ ହରିହସ୍ୟ କରିବାକୁ ପଡ଼େ। ସମସ୍ତ ଶବ୍ଦରେ ଇଙ୍ଗିତ ଅଛି। ଦେବତାର ଶବ୍ଦ ଇଙ୍ଗିତ ଧରିବା ପାଇଁ ବିଶ୍ରବାଙ୍କ ଜନ୍ମ। ବିଶ୍ରବା ସଂସାରୀ ହେଲେ ପତ୍ନୀ ଦେବବର୍ଣ୍ଣିନୀଙ୍କୁ ଗ୍ରହଣ କଲେ ସନ୍ତାନ ହେଲା କୁବେର। ଭ୍ରମ ଆରମ୍ଭ ଏଇ ବିଶ୍ରବାଙ୍କ ପୁଅଟିଏ ହେଲେ ଅସୁର ବଂଶର ଭଣଜା ହେଲେ ଅସୁର ବଂଶ ସ୍ୱର୍ଗଜିତା ହୋଇପାରିବ। ଏପାଇଁ ରାକ୍ଷସ ମାୟା ଆରମ୍ଭ ହେଲା ନିକଷା ଅସୁର କନ୍ୟାକୁ ବିଶ୍ରବାଙ୍କର ତପସ୍ଥଳୀରେ ଦେବତାର ଉପସନା ନାଟିକାରେ ବିଶ୍ରବାଙ୍କୁ ଛଳନାରେ ପକାଇଲା, କାମ ନିବେଦନର ଇଙ୍ଗିତ ଦେଲା, ପିତା ଆଦି ପରିଜନମାନେ ଯୋଗ୍ୟବର ରୂପେ ପାଇଁ ବିଶ୍ରବାଙ୍କୁ ପ୍ରଭାବିତ କଲେ। ଏଇଟି ଏଇ ଶବ୍ଦ ସ୍ୱର ଧରି ପାରିଲେ ନାହିଁ। ବିଦ୍ୟାପଥ ଛାଡ଼ି କାମାତୁରା ହୋଇଗଲେ ଆରମ୍ଭ ହେଲା ଋଷି ପତନ ସ୍ତର। ଋଷି ପତନ ତନୁହଁ ଋଷି ମାରଣ ମାର୍ଗ। ରାବଣ ଜନ୍ମ ନେଲେ ଯେ ଜନ୍ମ ବେଳକୁ ଋଷିରୁ ସନ୍ନ୍ୟାସୀ ସ୍ତର ଆସିଗଲାଣି। ସନ୍ନ୍ୟାସୀ କଷାବସ୍ତ୍ର ପିନ୍ଧା ଲୋକଙ୍କୁ ଋଷିପରି ସମ୍ମାନ ଲୋକେ ଦେଖାଇଲେଣି। ରାବଣ ବହୁ ବିଦ୍ୟା ଋଷିଙ୍କ ଯତ୍ନରେ ଶିକ୍ଷା କଲେ। ଶିବ ତପସ୍ୟା କଲେ, ବର ବି ପାଇଲେ ଶୈବ ସାଧନରେ ନାମ ରଖି ଶିବଙ୍କର ଅନେକ ସ୍ତୋତ୍ର ରଚନା କଲେ ଏ ମଧ୍ୟରେ କେବେ ସିଦ୍ଧି କରି ତାକୁ ସାର୍ବଜନୀନ କରିଦେଲେ। ସଙ୍ଗୀତ ବିଦ୍ୟାରେ ପାରଙ୍ଗମ ହେଲେ, ସେ ପଖାଉଜ ବଜାଇଲେ ଶିବ ରାବଣକୃତ ଶିବ ତାଣ୍ଡବ ଶୁଣି ତାଣ୍ଡବ ନାଚିଲେ। ଏପରି ସାଧକ ଚୌର୍ଯ୍ୟାବୃତ୍ତିରେ କେତେ କମ କିନ୍ତୁ କରିଲେ ବ୍ରାହ୍ମଣ ହୋଇ ଦିଗବିଜୟ ଆଶା କରି ବହୁ ରାଜ୍ୟ ଆକ୍ରମଣ କରି ଧନଦୌଲତ ନାରୀ ଲୁଟିଲେ ଏପରିକି ସ୍ୱର୍ଗବି ଜିତିଲେ। ସ୍ୱର୍ଗ ଜିଣି ବାହିନୀ ସହିତ ମର୍ତ୍ତ୍ୟକୁ ତତ୍କାଳ ଲଙ୍କାରେ କୁବେରଙ୍କ ନିର୍ମିତ ମହଲ୍ଲାରେ ପହଞ୍ଚିଗଲେ କୁବେର ରାବଣ ବାହିନୀକୁ ନିଜର ଭାଇ କୃତ୍ତ ଜାଣି ତାଙ୍କୁ ସ୍ୱାଗତଃ ଜଣାଇଲେ ମାତ୍ର ଏହା କୁବେରଙ୍କର ଭ୍ରାନ୍ତି ଥିଲା। ରାବଣ ବଳପୂର୍ବା ହୋଇ ନିଜର ସାବତ ଭାଇର ଅର୍ଜିତ ଅଧିକୃତ ଧନ ମହଲ ଯାନ ଛଡ଼ାଇ ନେଲେ। ଦୁଃଖରେ କୁବେର ତତ୍କାଳ ଶିବ କ୍ଷେତ୍ର ହିମାଳୟକୁ ଚାଲିଗଲେ ସେଠାରେ ଆରାଧନାରେ ଶିବଙ୍କୁ ସନ୍ତୋଷ କରି ଉତ୍ତର ଦିଗର ଦିଗପାଳ ହୋଇ ଚୀରବସତି କଲେ, ଲକ୍ଷ୍ମୀ ସିଦ୍ଧି କରି ନବନିଧି ପାଇଲେ। ବିଶ୍ରବାଙ୍କର ଭ୍ରମରୁ ଦେବକନ୍ୟା ଅସୁରକନ୍ୟାଙ୍କୁ ବିବାହ କରି ଦେବ ଦାନବ ବିବାଦ କରିଦେଇଥିଲେ। ରାବଣ ତାଙ୍କର ମାତୃବଂଶ ମାଳୀଙ୍କର ଗୁଣମାନ ନେଇଥିଲେ। କୁବେର ଦେବତାର ଗୁଣ ନେଇଥିଲେ। ଦାନବ ଅସୁର ସର୍ବଦା ଏପରି ପରର ଶ୍ରମ ଧନ ସମ୍ପତ୍ତି ସମ୍ମାନ ଅପହରଣ କରନ୍ତି। ଏପରି ଜାୟା ବି ହରଣ କରନ୍ତି। ଯାହା ରାବଣଙ୍କ ଜୀବନର ଏକ ଏକ ନିନ୍ଦନୀୟ କାର୍ଯ୍ୟ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :*
*୯୪୩୭୦୩୧୨୫୩*

# ଇୟର ଫୋନ କରିବ ବଧିର



ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟି କ'ଣ ? ଅନେକ ଏହାକୁ ଭିନ୍ନ ଭିନ୍ନ ଭାବରେ ଉତ୍ତର ଦେଇପାରନ୍ତି। ତେବେ କାନଟି ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏହା ପ୍ରାୟ ସମସ୍ତେ ଜାଣନ୍ତି। ତେବେ ବର୍ତ୍ତମାନ ସମୟର ଜୀବନଶୈଳୀକୁ ଦେଖିଲେ ଯାହା ଜଣାପଡୁଛି ଅନେକଙ୍କର ଶ୍ରବଣ ଶକ୍ତି କମିବାର ପ୍ରମୁଖ କାରଣ ହେଉଛି ଇୟର ଫୋନର ମାତ୍ରାଧିକ ବ୍ୟବହାର। ମୋବାଇଲରେ କଥା ଓ ମନୋରଞ୍ଜନ ଲାଗି ଅତି କର୍କଶ ଶବ୍ଦର ପରିବେଶିତ ସଙ୍ଗୀତ ବିଶେଷକରି ଡିଜେର ପ୍ରଚଣ୍ଡ ଶବ୍ଦ କାନକୁ ବଧିରା କରିଦେବା ପାଇଁ ଯଥେଷ୍ଟ। ଆଜିର ସମୟରେ କେବଳ ଯୁବପିଢ଼ି ନୁହଁନ୍ତି ଅଧିକାଂଶ ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଥିବାବେଳେ ହେଡଫୋନ ଓ ଇୟର ଫୋନ ଘଣ୍ଟା ଘଣ୍ଟା ଧରି ସେମାନଙ୍କ କାନରେ ରହୁଛି ଯାହା ଶୁଣିବା ଶକ୍ତିକୁ ଉଦବେଗ ଜନକ ଭାବେ ହ୍ରାସ କରିବାର କାରଣ ତ ସାଜିଛି ଏହାର ଅନ୍ୟ ପ୍ରମୁଖ ପରିପାର୍ଶ୍ୱିକ କାରଣ ମଧ୍ୟ ରହିଛି। ପାଠପଢ଼ା ହେଉ ବା ଅନ୍ୟାନ୍ୟ ବୃତ୍ତିଗତ କାର୍ଯ୍ୟ। ହେଡ଼ଫୋନ ଦିନକୁ ଦିନ କେତେ ଯେ ଘାତକ ହେଉଛି ତାହା କଳ୍ପନାର ବାହାରେ। ଏକ ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକାର ରିପୋର୍ଟ ଅନୁଯାୟୀ ଭାରତରେ ସାଢ଼େ ଛଅକୋଟିରୁ ଉର୍ଦ୍ଧ୍ୱ ଓ ପୃଥିବୀରେ ଦେଢ଼ଶହ କୋଟିରୁ ଉର୍ଦ୍ଧ୍ୱ ଲୋକ ନିଜର ଶ୍ରବଣ ଶକ୍ତି ହରାଇବାକୁ ଯାଉଛନ୍ତି ବୋଲି ଖବର ପ୍ରକାଶ ପାଇଛି। ଆଗାମୀ ୨୦୫୦ବେଳକୁ ପୃଥିବୀରେ ୨୫୦ କୋଟି କିମ୍ବା ପ୍ରତି ୧୦ଜଣଙ୍କ ଭିତରୁ ଜଣେ ନିଜ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି। ସାଧାରଣତଃ ବଧିର ହେବାର ତ ଅନେକ କାରଣ ରହିଛି। ସେଗୁଡ଼ିକ ବଂଶାନୁକ୍ରମିକ ହୋଇପାରେ, ପ୍ରଦୂଷଣର କାରଣ ହୋଇପାରେ ଆଉ ରୋଗଜନିତ କାରଣ ମଧ୍ୟ ହୋଇପାରେ। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ପ୍ରତିବର୍ଷ ଆମ ଦେଶରେ ୨୭୦୦୦ରୁ ଉର୍ଦ୍ଧ୍ୱ ପିଲାଙ୍କର କାନ ସମସ୍ୟା ରହିଛି। ପ୍ରାଥମିକ ସମୟରୁ ସଚେତନ ରହିଲେ ଓ ପରୀକ୍ଷା ନିରୀକ୍ଷା ସଠିକ ସମୟରେ ହୋଇପାରିଲେ ଏବଂ ପ୍ରାରମ୍ଭରୁ ସମସ୍ୟାକୁ ଅଣଦେଖା ନକରି ଗୁରୁତ୍ୱ ଦେଲେ ଏହା ଆରୋଗ୍ୟସାଧ ନିଶ୍ଚିନ୍ତ। ପ୍ରତିବର୍ଷ ବିଶ୍ୱ କର୍ଣ୍ଣଯତ୍ନ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ଏକ ଏକ ସଚେତନଭିତ୍ତିକ ବାର୍ତ୍ତାକୁ ଉଲ୍ଲେଖକରି ଏହି ଦିବସଟି ପାଳନ ହୁଏ। ଚଳିତ ବର୍ଷର ବାର୍ତ୍ତା ରହିଛି 'ଚାଲନ୍ତୁ ସମସ୍ତଙ୍କ ପାଇଁ କର୍ଣ୍ଣ ଓ ଶ୍ରବଣ ରୋଗର ପ୍ରତିରୋଧ ଓ ପ୍ରତିକାର ସାକାର କରିବା'।

ପ୍ରାଥମିକ ଚିକିତ୍ସାରେ କର୍ଣ୍ଣ, ଶ୍ରବଣ ଶକ୍ତି ପରୀକ୍ଷା ଓ ଯତ୍ନ ଦ୍ୱାରା ଶ୍ରବଣ ଶକ୍ତି ସମସ୍ୟା ନିର୍ଣ୍ଣୟ କରିବା ଲୋକମାନଙ୍କ ପାଇଁ ଲାଭଦାୟକ ହୋଇପାରେ। ଏହା ସାଧାରଣ କଥା ଶ୍ରବଣ ଶକ୍ତି ହ୍ରାସ ପାଇବାର ପ୍ରମୁଖ କାରଣ ହେଉଛି ଶବ୍ଦ ପ୍ରଦୂଷଣ। ସେହିପରି ଯୁବପିଢ଼ି ସର୍ବଦା ଇୟର ଫୋନକୁ କାନରେ ଗେଞ୍ଜି ଘଣ୍ଟା ଘଣ୍ଟା ଧରି ବ୍ୟବହାର କରୁଥିବାରୁ ଏହା କେବଳ ଯେ କାନରେ ସଂକ୍ରମଣ ବଢ଼ାଇବ ତାହା ନୁହେଁ ବରଂ ଆଗାମୀ ଦିନରେ ଖୁବ କମ ବର୍ଷ ବୟସରୁ ଜଣଙ୍କର ଶ୍ରବଣ ଶକ୍ତିକୁ ନଷ୍ଟ କରିପାରେ। ସେହିପରି ଯେଉଁମାନଙ୍କର ଡାଇବେଟିସ ଓ ଉଚ୍ଚରକ୍ତଚାପ ସମସ୍ୟା ରହିଛି ସେମାନଙ୍କର ଶ୍ରବଣ ଶକ୍ତି କମ ହୋଇଯିବାର ଆଶଙ୍କା ବଢ଼ିଯାଏ। ଏହାସହ ଅନ୍ୟ ପ୍ରମୁଖ କାରଣ ମଧ୍ୟ ରହିଛି। ଶବ୍ଦ ପ୍ରଦୂଷଣ, ଅଟୋ ଟକ୍ସିକ ଡ୍ରଗସ ଓ ଅଟୋ ଟକ୍ସିକ କେମିକାଲ ବ୍ୟବହାର ଦ୍ୱାରା ବୃଦ୍ଧାବସ୍ଥାରେ ବଧିରତା ସମସ୍ୟା ବୃଦ୍ଧି ପାଉଛି। ଆଜିକାଲି ଜନ୍ମ ହେବା ପରେ ପରେ ଓ.ଏ.ଇ. ଟେଷ୍ଟ କରାଯାଉଛି। ଯଦି ଛୁଆଟିଏ କଥା କହିବାକୁ ଡେରି କରେ କିମ୍ବା ପଛରୁ ଡାକିଲେ ଶୁଣିପାରେ ନାହିଁ, ଆମେ ଜାଣିଯିବା ଯେ ତାକୁ ଶୁଭୁ ନାହିଁ। ସେଥିପାଇଁ ଆମେ ଯଥାଶୀଘ୍ର ତାର ପରୀକ୍ଷା କରିନେବା ଜରୁରୀ। ତେବେ କୋକଲିୟର ଇମପ୍ଲାଣ୍ଟ ଡିଭାଇସ ଦ୍ୱାରା ଆମେ କିଛି ମାତ୍ରାରେ ଶ୍ରବଣ ଶକ୍ତି ଫେରି ପାଉଛେ। ଏହାର ଦାମ ୬.୫ ଲକ୍ଷରୁ ଆରମ୍ଭ ହେଉଛି। କାନକୁ ନେଇ ଅନେକଙ୍କ ଭିତରେ ଆଦୌ ସଚେତନତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ଶ୍ରବଣ ଶକ୍ତି ହରାଇବାର କୌଣସି ବୟସ ନଥାଏ। ବୟସ୍କ ଲୋକମାନଙ୍କର ଯେ କେବଳ ଶ୍ରବଣଶକ୍ତି ହ୍ରାସ ହୋଇଥାଏ ଏହା ଭାବିବା ଆଦୌ ଠିକ ନୁହେଁ। ସେହିପରି ଥରେ ଶ୍ରବଣ ଶକ୍ତି କମିଗଲେ ଏହା ଆଉ ଫେରିବାର ସମ୍ଭବ ହୋଇପାରିନଥାଏ। ଅନେକ ହୁଏତ ଜାଣିନଥାନ୍ତି ପିଲାଟି ଜନ୍ମ ହେବାର ପ୍ରାଥମିକ ୪୮ଘଣ୍ଟା ଭିତରେ ତାର ଶ୍ରବଣ ଶକ୍ତି ପରୀକ୍ଷା କରିବା ଜରୁରୀ ହୋଇଥାଏ। ଅନ୍ୟ କେତେକଙ୍କ କ୍ଷେତ୍ରରେ ପିଲାଟି ମାଆର ଗର୍ଭରେ ଥିବା ସମୟରୁ ହିଁ ଏହି ସମସ୍ୟା ରହିଯାଇଥାଏ। ତେଣୁ ପରବର୍ତ୍ତୀ ତିନିମାସ ପରେ କାନ ପରୀକ୍ଷା କରିବା ପ୍ରୟୋଜନୀୟ ହୋଇଥାଏ। ନେଗେଟିଭ ବାହାରିଲେ ଅନ୍ୟ ଏକ ପରୀକ୍ଷା ଯାହାକୁ ବେରା ଟେଷ୍ଟ କୁହାଯାଏ। ଏହି ପରୀକ୍ଷାଟି କରାଯାଏ। ପିଲାମାନଙ୍କ ଠାରେ ଭାଇରାଲ ଫିଭର ଦେଖାଦେଇଥାଏ ତେବେ କେତେକ କ୍ଷେତ୍ରରେ ଭାଇରାଲ ଫିଭରର କାରଣ ପାଇଁ ଅନେକ ଶିଶୁ ନିଜର ଶ୍ରବଣ ଶକ୍ତି ହରାଇଥାନ୍ତି। ସେହିପରି ଏକ ବର୍ଷରୁ ପନ୍ଦର ବର୍ଷ ବୟସର ପିଲାମାନଙ୍କ କ୍ଷେତ୍ରରେ ସେମାନଙ୍କ କାନରେ ଯେ କୌଣସି କାରଣ ଜନିତ ସଂକ୍ରମଣ ରହିଲେ ଏହା ସେମାନଙ୍କ କର୍ଣ୍ଣ ଗହ୍ୱରକୁ ପ୍ରଭାବିତ କରିଥାଏ ଓ ଏହା ବଧିରତା ସୃଷ୍ଟି କରେ। ସେହିପରି କାନରେ ହାଡ଼ ଖାଇ ଯାଇଥିଲେ କିମ୍ବା କୌଣସି ଦୁର୍ଘଟଣା ଜନିତ କାରଣରୁ ପରଦା ଆଘାତ ପ୍ରାପ୍ତ ହୋଇ ଫାଟିଗଲେ ଜଣକୁ ଶୁଣାଯାଏ ନାହିଁ ସେହିପରି ବୟସ ବଢ଼ିଲେ କାନ ସହ ସଂଲଗ୍ନ ହୋଇଥିବା ସ୍ନାୟୁଟି ଦୁର୍ବଳ ହୋଇ ନଷ୍ଟ ହେବା କାରଣରୁ ବଧିର ହେବାର ସମ୍ଭାବନା ରହିଥାଏ। ପିଲାଟି ମାତୃଗର୍ଭରେ ଥିବା ସମୟରେ ଆସନ୍ନପ୍ରସବା ମାଆଟିର ରୁବେଲା, ମିଳିମିଳା କିମ୍ବା ସିଫଲିସ ଭଳି ରୋଗର ଶିକାର ହେଲେ ଏହା ପିଲାଟିର ଶ୍ରବଣ ଶକ୍ତି ଉପରେ ପ୍ରଭାବ ପକାଇଥାଏ। ତେଣୁ ଏ କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରୁ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ। ଠିକ ସମୟରେ ଡାକ୍ତରୀ ପରାମର୍ଶ ସହ ସଚେତନ ରହିଲେ ଶ୍ରବଣ ଜନିତ ସମସ୍ୟା ପରବର୍ତ୍ତୀ ସମୟରେ ଘାତକ ସାବ୍ୟସ୍ତ ହୋଇପାରନ୍ତା ନାହିଁ। ସେହିପରି ପ୍ରଥମରୁ ସମସ୍ୟାକୁ ଚିହ୍ନଟ କରି ବିଶେଷଜ୍ଞଙ୍କ ସହାୟତା ନେଲେ ଆଜିକାଲି ଉନ୍ନତ ଶ୍ରବଣ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଏହି ସବୁ ସମସ୍ୟାରୁ ମୁକ୍ତି ମିଳିପାରିବ। ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଏହି ଅଙ୍ଗର ଯତ୍ନ ନେବା ଯେତିକି ଜରୁରୀ ଏ ନେଇ ଅନ୍ୟମାନଙ୍କ ଭିତରେ ସଚେତନତାକୁ ବ୍ୟାପକ କରିବା ମଧ୍ୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ। ତେବେ ସର୍ବପ୍ରଥମେ ଘଣ୍ଟା ଘଣ୍ଟା ଧରି ଇୟର ଫୋନ ଓ ହେଡ଼ ଫୋନ ଠାରୁ ଦୂରେଇବା ଅଭ୍ୟାସ ଆପଣାନ୍ତୁ। କାନ ଆପଣଙ୍କ ଶରୀର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ନିଜେ ଅନୁଭବ କରି ଏହାର ଯତ୍ନ ନିଅନ୍ତୁ ନଚେତ ବଧିରତା ଆପଣଙ୍କୁ ନିଶ୍ଚିନ୍ତ ଗ୍ରାସ କରିବ।

***ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'***
***କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,***

# ଫଳାଫଳ ହିଁ କହିବ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଦେଶରେ ସାଧାରଣ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ପରିପ୍ରେକ୍ଷୀରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ରାହୁଲ ଗାନ୍ଧୀଙ୍କ ବହୁ ଚର୍ଚ୍ଚିତ ଦ୍ୱିତୀୟ ପର୍ଯ୍ୟାୟ 'ଭାରତ ଯୋଡୋ ନ୍ୟାୟ ଯାତ୍ରା' ଗତ ୧୭ ତାରିଖ ଦିନ ମୁମ୍ବାଇରେ ଶେଷ ହୋଇଥିବାବେଳେ ଆୟୋଜିତ ଜନ ସମାବେଶରେ ଇଣ୍ଡିଆ ମେଂଟର ବହୁ ସହଯୋଗୀ ଦଳର ନେତାଙ୍କ ଯୋଗଦାନ ଦଳକୁ ନୂତନ ଉତ୍ସାହ ଓ ଶକ୍ତି ପ୍ରଦାନ କରିଛି, ଏହା ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରାରେ ରାହୁଲ ଦେଶର ପୂର୍ବ ଭାଗରୁ ୧୧ଟି ରାଜ୍ୟ ଦେଇ ୧୦ହଜାରରୁ ଉର୍ଦ୍ଧ୍ୱ ପଥ ଅତିକ୍ରମ କରି ପଶ୍ଚିମରେ ମହାରାଷ୍ଟ୍ରର ମୁମ୍ବାଇରେ ଶେଷ କରିଥିଲେ। ଏହି ପଦଯାତ୍ରା ଅବସରରେ ସେ ସମାଜର ବିଭିନ୍ନ ଲୋକମାନଙ୍କୁ ଭେଟି ସେମାନଙ୍କ ସହ ମତ ବିନିମୟ କରିଥିଲେ। ସେହିପରି ବିଭିନ୍ନ ରାଜ୍ୟରେ ଆୟୋଜିତ ଜନସମାବେଶରେ ଉଦବୋଧନ ଦେଇ ବିଜେପି ସରକାରଙ୍କ ଜନବିରୋଧି ନୀତିକୁ କଟୁ ସମାଲୋଚନା କରିଥିଲେ। ଏହା ନିସନ୍ଦେହ ଯେ, କେନ୍ଦ୍ରରେ କ୍ଷମତାସୀନ ବିଜେପିର ମୁଖ୍ୟ ବିରୋଧି ଭାବେ ନିଜକୁ ଉପସ୍ଥାପିତ କରିବାରେ ସମର୍ଥ ହୋଇଛନ୍ତି। ଯଦି ପ୍ରଥମ ପର୍ଯ୍ୟାୟ ପଦଯାତ୍ରା ଯାହା କନ୍ୟାକୁମାରୀ ଠାରୁ ହୋଇ ଶ୍ରୀନଗରରେ ଉଦଯାପିତ ହୋଇଥିବା ଯାହାକି ତାଙ୍କ ପାଇଁ ଏବଂ ଦଳର ହଜାର ହଜାର ନେତା ଓ କର୍ମୀଙ୍କ ନୂତନ ଉତ୍ସାହ ଓ ଉନ୍ମାଦନାର ପ୍ରେରଣା ଥିଲା, କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା, ଯାହା ମଣିପୁରରରୁ ଆରମ୍ଭ ହୋଇ ମୁମ୍ବାଇରେ ଶେଷ ତାହା ବିଶେଷ ପ୍ରଭାବୀ ଥିବା କୁହାଯାଏ। ସେହିପରି ରାହୁଲଙ୍କ ପ୍ରଥମ ପର୍ଯ୍ୟାୟ ଯାତ୍ରା ପ୍ରେମ ଓ ସଦ୍‌ଭାବର ବାହାବହ ହୋଇଥିଲା। ଘୃଣା ରାଜନୀତି ବିରୁଦ୍ଧରେ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ତାଙ୍କ ଯାତ୍ରାର ମୁଖ୍ୟ ଲକ୍ଷ୍ୟ ଥିଲା। ଯେଉଁଥିପାଇଁ କି ତାଙ୍କର ପ୍ରଥମ ପର୍ଯ୍ୟାୟ ପଦଯାତ୍ରାରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସେଲିବ୍ରିଟଙ୍କ ଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଥିଲେ। ଏହି ଯାତ୍ରାର ନିର୍ବାଚନ ସହ କୌଣସି ସମ୍ପର୍କ ନଥିବା କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଥିବାବେଳେ ଏହା ଏକ ଆଦର୍ଶଗତ ପ୍ରଚାର ବୋଲି ଦର୍ଶାଯାଇଥିଲା। ଏହି ଯାତ୍ରା ପରେ କଂଗ୍ରେସ ଦୁଇଟି ରାଜ୍ୟ ତଥା କର୍ଣ୍ଣାଟକ ଓ ତେଲେଙ୍ଗାନା ବିଧାନସଭା ନିର୍ବାଚର୍ନର ସଫଳତା ପାଇଥିଲା। କିନ୍ତୁ ଦଳ ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ବିଧାନସଭା ନିର୍ବାଚନରେ ପରାଜିତ ହୋଇ କ୍ଷମତାଚ୍ୟୁତ ହୋଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରାର ବାର୍ତ୍ତା ସାମାଜିକ ନ୍ୟାୟା ପ୍ରତିଷ୍ଠା ଏବଂ କ୍ଷମତାରେ ଅଧିକ ସଂଖ୍ୟାରେ ବିଭିନ୍ନ ଜାତି ବା ବର୍ଗର ପ୍ରତିନିଧିତ୍ୱ ଥିଲା। ଏହା କିନ୍ତୁ ନସନ୍ଦେହ ଯେ, ଉଭୟ ପର୍ଯ୍ୟାୟ ଯାତ୍ରାରେ କଂଗ୍ରେସର ଶକ୍ତି ସହ କର୍ମୀ ଓ ନେତାମାନଙ୍କ ମନୋବଳ ବୃଦ୍ଧି ପାଇବା ସହ ନୂତନ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିବାରେ ସହାୟକ ହୋଇଛି। ଆହୁରି ମଧ୍ୟ ଦଳର ନେତାମାନେଙ୍କ ମଧ୍ୟରେ ଥିବା ପରସ୍ପର ବିରୋଧି ମନୋଭାବ, ମନୋଭାବ ଦୂର କରିବାରେ ସହାୟକ ହୋଇଛି। କଂଗ୍ରେସ ପୁର୍ନଜୀବନ ଦେବା ପାଇଁ ସେମାନେ ଯେପରି ସଂକଳ୍ପବଦ୍ଧ ହୋଇଥିବା ମନେକରାଯାଏ। ଅନ୍ୟପକ୍ଷରେ ଏହି ଯାତ୍ରା ପ୍ରତି ସହଯୋଗୀ ଦଳମାନଙ୍କର ସମର୍ଥନ ଦଳକୁ ଆହୁରି ଉତ୍ସାହିତ କରିବା ସହ ବଳ ଯୋଗାଇଥିବା ସମ୍ଭାବନାକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ। ଆହୁରି ମଧ୍ୟ କ୍ରମାଗତ ଭାବେ ଦୀର୍ଘ ୧୦ବର୍ଷ ଧରି ଅସ୍ଥିର, ଦୁର୍ବଳ ଏବଂ ନବନୀୟ ହୋଇପଡିଥିବା କଂଗ୍ରେସ ଏକ ଦୃଢ଼ ବିଜେପି ବିରୋଧି ମେଂଟ ଗଠନ ଅଭିଯାନକୁ ଦୃଢ଼ କରିବାରେ ମଧ୍ୟ ସମର୍ଥ ହୋଇଛି। ସହଯୋଗୀ ଦଳମାନଙ୍କୁ ବିରୋଧି ବିରୁଦ୍ଧରେ ଏକାଠି କରିବାରେ ମଧ୍ୟ ସକ୍ଷମ ହୋଇଛି। ଯେଉଁଠାରେ ଆଂଚଳିକ ଦଳର ଦବ୍‌ଦବା ରହିଛି, ବିଶେଷ କରି ବିହାର ଠାରୁ ଆରମ୍ଭ କରି ତାମିଲନାଡୁ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରେ ମେଂଟ ଗଠନ ତଥା ଆସନ ବଂଟନ କରିବାରେ ସମର୍ଥ ହୋଇଛି। କିନ୍ତୁ ପଶ୍ଚିମବଙ୍ଗରେ ଯେଉଁଠାରେ ତୃଣମୂଳ କଂଗ୍ରେସ(ଟିଏମସି)ର ଅଖଣ୍ଡ ପ୍ରଭାବ ରହିଛି, ସେଠାରେ ଟିଏମସିର ସର୍ତ୍ତରେ ସହମତ ନହେବାରୁ ଆସନ ବୁଝାମଣା ବ୍ୟର୍ଥ ହୋଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣା ହେଉଛି ଦୁଇଟି ପଦଯାତ୍ରା ଯୋଜନା ଓ ସୁପରିଚାଳନା ଯୋଗୁଁ କଂଗ୍ରେସ ସାଂଗଠନିକ ଦକ୍ଷତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଏହା କେହି ଅସ୍ୱୀକାର କରିପାରିବେ ନାହିଁ। ଏହା କିନ୍ତୁ ନିଶ୍ଚିତ ଯେ, ରାହୁଲ ଦୁଇଟି ଭାରତ ଯୋଡ ଯାତ୍ରା ଦେଶର ଜନସାଧାରଣଙ୍କ ଉପରେ କି ପ୍ରଭାବ ପକାଇବାରେ ସମର୍ଥ ହୋଇଛି। ତାହା ୨୦୨୪ ସାଧାରଣ ନିର୍ବାଚନର ଫଳାଫଳ ହିଁ କହିବ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,**
**ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲନଂ-**
**୯୪୩୭୯୯୪୩୭୯**

# ଗଣତନ୍ତ୍ରର ମୂଲ୍ୟ



ସର୍ବେଶ୍ୱର ବେହେରା

ସର୍ବପ୍ରଥମେ ଗଣତନ୍ତ୍ର ଇଂଲଣ୍ଡରେ ଆସିଥିଲା । ଇଂଲଣ୍ଡରେ ରାଜତନ୍ତ୍ରର ନିରଙ୍କୁଶତା ବିରୁଦ୍ଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରିଥିଲେ । ଦ୍ୱାଦଶ ଶତାବ୍ଦୀର ଅନ୍ତିମ କାଳରେ ଏହି ଅସନ୍ତୋଷ ତୀବ୍ରତର ହୋଇଥିଲା । ଦେଶର ଶାସନରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କଲେ । ଏହାକୁ ଗଣତନ୍ତ୍ର କୁହାଗଲା । ବୁଦ୍ଧିଜୀବୀ ଓ ଜନସାଧାରଣମାନେ ୧୨୧୫ ମସିହାରେ ମାଗ୍ନାକାର୍ଟା ନାମକ ଏକ ପଦ୍ଧତି ପ୍ରଣୟନ କଲେ । ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିବା ପାଇଁ ପାର୍ଲ୍ୟାମେଣ୍ଟ ଗଠନ କରିବା ପାଇଁ ଦାବି ହେଲା । ରାଜପରିଷଦ (କିଙ୍ଗ କାଉନସିଲ)କୁ ପାର୍ଲ୍ୟାମେଣ୍ଟ କୁହାଗଲା । କିନ୍ତୁ ଏହି ପାର୍ଲ୍ୟାମେଣ୍ଟର ଅଧିକାର ସମ୍ବନ୍ଧରେ ଦେଶର ବୁଦ୍ଧିଜୀବୀମାନେ ଚର୍ଚ୍ଚା ଆଲୋଚନା, ସଭା-ସମିତି ମାଧ୍ୟମରେ ଜନଜାଗରଣ କଲେ । ରାଜା ଚାପର ବଶବର୍ତ୍ତୀ ହୋଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କଲେ । ପାର୍ଲ୍ୟାମେଣ୍ଟର ଗଠନ କରିବା ପାଇଁ ରାଜା ଘୋଷଣା କଲେ । କିନ୍ତୁ ପାର୍ଲ୍ୟାମେଣ୍ଟର କ୍ଷମତା ନଥିଲା । ୧୬୮୮ରେ ଇଂଲଣ୍ଡରେ ଗ୍ଲୋରିୟସ ରିଭୋଲ୍ୟୁସନ ଦେଖାଦେଲା । ତା'ପରେ ପାର୍ଲ୍ୟାମେଣ୍ଟର କ୍ଷମତା ନିର୍ଦ୍ଧାରଣ କରାଗଲା । ରାଜାଙ୍କ ସ୍ଥାନରେ ପାର୍ଲ୍ୟାମେଣ୍ଟ ସର୍ବୋପରି ହେଲା । ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ପାର୍ଲ୍ୟାମେଣ୍ଟର କ୍ଷମତା ସମସ୍ତେ ଅନୁଭବ କଲେ । ୧୬୮୮ରେ ଇଂଲଣ୍ଡରେ ସର୍ବପ୍ରଥମେ ସମଗ୍ର ଜନତାଙ୍କର ମାତ୍ର ଚାରି ପ୍ରତିଶତଙ୍କ ଭୋଟ ଦେବାର ଅଧିକାର ମିଳିଲା । ୧୮୩୨ରେ ସେମାନେ ଗଣତନ୍ତ୍ରର ସୁଧାର ପାଇଁ ନୂତନ ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ବଳରେ ଦେଶର ସମଗ୍ର ଜନତାଙ୍କର ଦଶ ପ୍ରତିଶତଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ଏହାପରେ ୧୮୬୭ ଓ ୧୮୮୨ରେ ଏହାର ସୀମା ବୃଦ୍ଧି ପାଇଲା । ୧୯୧୮ ମସିହାରେ କେବଳ ପୁରୁଷମାନଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ମହିଳାମାନେ ଏହି ପୁରୁଷ ପ୍ରାଧାନ୍ୟ ନିର୍ଣ୍ଣୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କଲେ । ପରେ ମହିଳାମାନଙ୍କୁ ୨୧ ବର୍ଷ ବୟସରେ ଭୋଟ ଦେବାର ଅଧିକାର ମିଳିଲା । ପୁରୁଷମାନଙ୍କ ୧୮ ବର୍ଷ ଓ ମହିଳାମାନଙ୍କ ୨୧ ବର୍ଷରେ ଭୋଟ ଦାନ ଅଧିକାରର ତାରତମ୍ୟକୁ ସମସ୍ତେ ସମାଲୋଚନା କଲେ । ପାର୍ଲ୍ୟାମେଣ୍ଟରେ ଚର୍ଚ୍ଚା-ଆଲୋଚନା ହେଲା । ଏହି ପାର୍ଥକ୍ୟ କାହିଁକି ? ବରିଷ୍ଠ ସାଂସଦମାନେ ମତ ଦେଲେ ଏହା ଏକ ପ୍ରୟୋଗ (ଏକ୍ସପେରିମେଣ୍ଟ) କରାଯାଉଛି । ଏହା କେତେଦୂର ସଫଳ ହେବ, ତାହା ଭବିଷ୍ୟତ କହିବ । ଏହି ଏକ୍ସପେରିମେଣ୍ଟ ଦୀର୍ଘଦିନ ଧରି ଚାଲିଲା । ଶେଷରେ ୧୯୨୮ରେ ସମସ୍ତେ ପୁରୁଷ ଓ ମହିଳାମାନେ ୧୮ବର୍ଷ ବୟସରେ ଭୋଟଦାନ କରିବାର ଅଧିକାର ମିଳିଲା । ସୁଦୀର୍ଘ ସଂଘର୍ଷ ଓ ଶତତ ଜନଜାଗରଣ ଫଳରେ ଏହି ଗଣତନ୍ତ୍ର ସେଠାରେ ପ୍ରତିଷ୍ଠା ହେଲା । ଅର୍ଥାତ୍ ୧୨୧୫ରୁ ଆରମ୍ଭ ହୋଇଥିବା ଜନଜାଗରଣର ସୁଫଳ ୧୯୨୮ରେ ମିଳିଲା । ଦୀର୍ଘ ସାତ ଶହ ବର୍ଷ କାଳ ଗଣତନ୍ତ୍ର ପ୍ରତିଷ୍ଠାର ଏହା ଏକ ଐତିହାସିକ ପଦକ୍ଷେପ । ସମସ୍ତ ଜନସାଧାରଣ ଗଣତନ୍ତ୍ରର ମୂଲ୍ୟ ହୃଦୟଙ୍ଗମ କରିଥିଲେ । ଫଳରେ ସେଠାରେ ଗଣତନ୍ତ୍ର ସୁଚାରୁ ରୂପେ କାର୍ଯ୍ୟ କରୁଛି ।

ଆମ ଦେଶରେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏପରି କୌଣସି ଜନଜାଗରଣ ହୋଇନାହିଁ । ସର୍ବପ୍ରଥମେ ୧୯୨୦ରେ ଗଣତନ୍ତ୍ର ମଣ୍ଟେଗୁ ଚେମ୍ସଫୋର୍ଡ ପ୍ରଣୟନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ସେତେବେଳେ ଦେଶରେ ୨୪ କୋଟି ଜନସାଧାରଣ ଥିଲେ । ସେତେବେଳେ ଦେଶରେ ୨୪କୋଟି ଜନସାଧାରଣ ଥିଲେ । ସଂଯୁକ୍ତ ରାଜ୍ୟ ଶାସନ (ଫ୍ୟୁଡ଼ାଲ ଶାସନ ପଦ୍ଧତି) ଥିଲା । କାଉନସିଲ ଅଫ ଷ୍ଟେଟସ ପାଇଁ ୧୭୦୦୦ ଜନସାଧାରଣଙ୍କୁ ଭୋଟ ଦେବା ଅଧିକାର ମିଳିଲା । ନେସନାଲ ଆସେମ୍ବ୍ଲି ପାଇଁ ୯ଲକ୍ଷ ୯ହଜାର ବ୍ୟକ୍ତିଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ଗଣତନ୍ତ୍ର ପାଇଁ କୌଣସି ସଂଘର୍ଷ ଜନଜାଗରଣ ବିନା ଆମ ଦେଶରେ ୯ଲକ୍ଷ ଲୋକଙ୍କୁ ତୁରନ୍ତ ଭୋଟ ଦେବାର ଅଧିକାର ମିଳିଲା । ସ୍ୱାଧୀନତା ପରେ ୧୯୫୦ରେ ତୁରନ୍ତ ସମସ୍ତ ଜନସାଧାରଣଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ଭାରତରେ ଜନସାଧାରଣମାନେ ଇଂଲଣ୍ଡର ଜନସାଧାରଣଙ୍କ ପରି ଗଣତନ୍ତ୍ର ସମ୍ବନ୍ଧରେ କୌଣସି ସଂଘର୍ଷ କିମ୍ବା ଜନଜାଗରଣ କରି ନାହାନ୍ତି । ଭାରତର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ କୌଣସି ପ୍ରଶିକ୍ଷଣ କରିନାହାନ୍ତି । ଏଣୁ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରି ନାହାନ୍ତି । ଇଂଲଣ୍ଡର ଜନତା ଏହି ପ୍ରଶିକ୍ଷଣ ୭୦୦ ବର୍ଷ ଧରି ଗ୍ରହଣ କରିଥିଲେ । କିନ୍ତୁ ଭାରତରେ ଏହା ହୋଇ ନଥିବା ଯୋଗୁଁ ଗଣତନ୍ତ୍ରର ସୁଫଳ ଆଜି ଦେଖାଯାଇ ନାହିଁ ।

ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତର ତତକାଳୀନ ନେତାମାନେ ସମାଲୋଚନା କରିଥିଲେ । ୧୯୦୮ ମସିହାରେ 'ହିନ୍ଦ ସ୍ୱରାଜ୍ୟ' ପୁସ୍ତକରେ ମହାତ୍ମା ଗାନ୍ଧୀ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ଯଦି ଏହା ଭାରତରେ ଲାଗୁ କରାଯାଏ ତେବେ ଭୋଟର ମାନଙ୍କର ଅବସ୍ଥା (ବେଶ୍ୟା) ପରି ହେବ । ଭୋଟରମାନେ କିଣାବିକା ହୋଇଯିବେ । ଗଣତନ୍ତ୍ରର ସୁଫଳ ମିଳିପାରିବ ନାହିଁ ବୋଲି ମହାତ୍ମା ଗାନ୍ଧୀ ବର୍ଣ୍ଣନା କରିଛନ୍ତି । ଶ୍ରୀ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ୧୯୨୬ରେ ନିଜର ଜୀବନୀ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯଦି ଭାରତ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ସ୍ୱୀକାର କରେ ତେବେ ସର୍ବପ୍ରଥମେ ନିର୍ବାଚନ ସମୟରେ ଭ୍ରଷ୍ଟାଚାର ବୃଦ୍ଧି ପାଇବ । ନିର୍ବାଚନ ପରେ ମଧ୍ୟ ଏହି ଭ୍ରଷ୍ଟାଚାରକୁ ନିୟନ୍ତ୍ରଣ କରିହେବ ନାହିଁ । ୧୯୪୩ ମସିହାରେ ବିଶିଷ୍ଟ ଲେଖକ ଶ୍ରୀ ମାନବେନ୍ଦ୍ର ରାୟ ପାର୍ଟି ପାୱାର ଆଣ୍ଡ ପଲିଟିକ୍ସ' ନାମକ ଏକ ପୁସ୍ତକ ରଚନା କରିଥିଲେ । ସେ ବିଶ୍ୱର ବହୁ ଦେଶର ସମ୍ବିଧାନକୁ ଅଧ୍ୟୟନ କରି ଏହି ପୁସ୍ତକ ରଚନା କରିଥିଲେ । ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଭାରତର ଗଣତନ୍ତ୍ରର ସୁଫଳ ସେତେବେଳେ ମିଳିବ ଯେବେ ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହାର ମୂଲ୍ୟକୁ ହୃଦୟଙ୍ଗମ କରିବେ । ଶ୍ରୀ ମାନବେନ୍ଦ୍ର ଏ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଗଣତନ୍ତ୍ର ସମ୍ବନ୍ଧରେ ପବ୍ଲିକ୍ ଏଜୁକେସନ ଆବଶ୍ୟକ । ଏକ ସଭାରେ ତାଙ୍କୁ ପ୍ରଶ୍ନ କରାଗଲା ଯେ ଭାରତରେ ଶତକଡ଼ା ପଚାଶ ଭାଗ ନିରକ୍ଷର । ସେମାନଙ୍କୁ ଏ ସମ୍ବନ୍ଧରେ ପ୍ରଶିକ୍ଷଣ କିପରି ପ୍ରଦାନ କରାଯାଇ ପାରିବ ? ଶ୍ରୀ ଏମ.ଏନ.ରାୟ ଏହାର ଏକ ସୁନ୍ଦର ଉତ୍ତର ପ୍ରଦାନ କରିଥିଲେ । ଶରସ୍ୱ, ସସ୍ୱ ଝବଛ ଭର କ୍ଷକ୍ଟଭଶ ଗଁବଛ, ଭଙ୍କସ୍ୱ ସସ୍ୱ ଗଁକ୍ଟଙ୍କୟ ଭର ସ୍ୱଷର କ୍ଟଭକ୍ଷଛ ଗଁବଛ, ସ୍ୱଷରଭ ସସ୍ୱ ସସ୍ୱ ବକ୍ଷସ୍ୱକ୍ଟ ସ୍ୱଷର ସ୍ୱଷକ୍ଟକ୍ସ୍ୱରସ୍ୱସ୍ୱ ଗଁବଛ. ଏହି ରାସ୍ତା ସୁଦୀର୍ଘ ହୋଇପାରେ, ଯଦି ଏହା ଏକମାତ୍ର ରାସ୍ତା ତେବେ ଏହା କ୍ଷୁଦ୍ର ରାସ୍ତା ।

ଆଜି ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ କାଳରେ ମଧ୍ୟ ଆମେ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରିପାରିଲୁ ନାହିଁ । ସେତେବେଳେ ମହାତ୍ମାଗାନ୍ଧୀଙ୍କ ସହିତ ଯେଉଁ ବୁଦ୍ଧିଜୀବୀମାନେ ସଂସଦୀୟ ଗଣତନ୍ତ୍ର ସମ୍ବନ୍ଧରେ ସତର୍କ କରିଥିଲେ, ତାହାକୁ ଆମେ ଅବହେଳା କଲୁ । ଆମର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଗଲା ନାହିଁ । ତା'ର ଫଳ ଆଜି ଆମେ ଭୋଗ କରୁଛୁ । ନିର୍ବାଚନରେ ସମସ୍ତେ ଅଂଶଗ୍ରହଣ କରୁନାହାନ୍ତି । ଶତକଡ଼ା ଶହେ ଭାଗ ଭୋଟ ପ୍ରଦାନ ହୋଇପାରୁ ନାହିଁ । ବିଶେଷକରି ବୁଦ୍ଧିଜୀବୀ ଓ ସଜ୍ଜନ ବ୍ୟକ୍ତିମାନେ ନିର୍ବାଚନରେ ଅଂଶଗ୍ରହଣ କରୁନାହାନ୍ତି । ରାଜନୈତିକ ଦଳର ନେତୃବୃନ୍ଦମାନେ ନିର୍ବାଚନ ସମୟରେ ଭୋଟ କିଣାବିକା କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି । ଭ୍ରଷ୍ଟାଚାର ଚରମ ଶିଖରରେ । କେବଳ ସେତିକି ନୁହେଁ ଦେଶରେ ଏବେ ମଧ୍ୟ ହିନ୍ଦୁ-ମୁସଲମାନ, ସବର୍ଣ୍ଣ-ଅସବର୍ଣ୍ଣ, ଭାଷା ପ୍ରାନ୍ତକୁ ନେଇ ବିଭେଦତା ବୃଦ୍ଧି ପାଇବାରେ ଲାଗିଛି । ଏଣୁ ସାଧାରଣ ଜନତାଙ୍କ ପ୍ରଶିକ୍ଷଣ ଓ ସଜ୍ଜନ ଶକ୍ତିର ଜାଗରଣ ହିଁ ଏକମାତ୍ର ମାର୍ଗ । ଫଳରେ ଗଣତନ୍ତ୍ରର ସୁଫଳ ମିଳିବ ।

*ଆଡ଼ଭୋକେଟ*
*ଖଟବିନ ସାହି, କଟକ*
*ମୋ-୯୪୩୭୦୧୬୩୮୪*




# ସାମସଙ୍ଗର ନୂଆ "ବ୍ୟାକ ଟୁ ବିଜ୍‌ନେସ୍ ସଲ୍ୟୁସନ"

ଭୁବନେଶ୍ୱର,(ପି.ଏନ): ସାମସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡ଼ିକ ପାଇଁ "ବ୍ୟାକ୍ ଟୁ ବିଜନେସ" ସଲ୍ୟୁସନର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସମାଧାନରେ ଆଉଟଡୋର ଡିସପ୍ଲେ ଓ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଅନ୍ତର୍ଭୁକ୍ତ, ଯାହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ । ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହିତ କାର୍ଯ୍ୟ ସ୍ଥଳରେ ଦୂରରେ ବସି କାର୍ଯ୍ୟ କରିବା ଆବଶ୍ୟକତାକୁ ପୂରଣ କରାଯାଇପାରିବ । ଏହି ନୂତନ ରେଂଜର ଆଉଟଡୋର ଡିସପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଂଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫରକୁ ଓ କର୍ପୋରେଟ ମେସେଜକୁ ଉପସ୍ଥାପିତ କରାଯାଇପାରିବ । ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡ଼ିକୁ ପାଳନ



କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ । ବାଧାହୀନ ଅନ୍‌ଲାଇନ ବାର୍ତ୍ତାଳାପ ଓ ଯେକୌଣସି ସ୍ଥାନରୁ ଦକ୍ଷତା ଓ ସହଜରେ କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା ଲାଗି ମିଟିଙ୍ଗ ରୁମ୍ ଏବଂ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଯୋଗାଇଦେବା ପାଇଁ ସାମସଙ୍ଗ, ସିସ୍କୋ ୱେବେକ୍ସ ଓ ଲଜିଟେକ୍ ସହିତ ହାତ ମିଳାଇଛି । ଏହା ସାହାଯ୍ୟରେ ଦୂରରେ ବସି କାମ କରିବାର ଆବଶ୍ୟକତାକୁ ଦେଖି ସାମସଙ୍ଗର ବେଜୋଡ଼ ଭିଜୁଆଲ ଡିସପ୍ଲେ ଏବଂ ଉନ୍ନତ ଭିଡିଓ କନଫରେନ୍ସିଙ୍ଗ କୁ ଏକତ୍ର ଅଣାଯାଇଛି । ଏହି ସହବନ୍ଧିତା ସିସ୍କୋ ୱେବେକ୍ସ ଏବଂ ଲଜିଟେକ୍ ଦ୍ୱାରା ପ୍ରସ୍ତୁତ ଭିଡିଓ କନଫରେନ୍ସିଙ୍ଗ ସମାଧାନଗୁଡ଼ିକର ବିସ୍ତୃତ ରେଂଜ ସହିତ ଡିଜିଟାଲ ସାଇନ୍‌ଏଜ୍ ଏବଂ ଡେସ୍କଟପ୍ ମନିଟର ସମେତ ଶିଳ୍ପର ସବୁଠାରୁ ବ୍ୟାପକ ଡିସପ୍ଲେ ଶୃଙ୍ଖଳକୁ ଏକତ୍ର ନେଇଆସିଛି । ସାମସଙ୍ଗର ୨୦୨୦ ଡିସପ୍ଲେ ଶୃଙ୍ଖଳର ସମ୍ପୂର୍ଣ୍ଣ ରେଞ୍ଜରେ ଏହି ସମାଧାନଗୁଡ଼ିକ ବ୍ୟବହାର କରାଯାଇପାରିବ । "ବର୍ତ୍ତମାନ ସମୟରେ ପରିବର୍ତ୍ତିତ ବ୍ୟବସାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ନୂତନ ସମାଧାନକୁ ଏଭଳି ଭାବରେ ଡିଜାଇନ କରାଯାଇଛି ଯାହା ଉତ୍ପାଦକତା ବୃଦ୍ଧି କରିବ, ସହଯୋଗ ବୃଦ୍ଧି କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କ ସହିତ ଉପଯୁକ୍ତ ସତର୍କତା ସହିତ ସଂଯୁକ୍ତ ହୋଇପାରିବେ" ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏଂଟରପ୍ରାଇଜ ବିଜନେସର ଉପାଧ୍ୟକ୍ଷ ଶ୍ରୀ ପୁନିତ ସେଠ କହିଛନ୍ତି ।

# ଅପରାଜିତା ହଟାଅ ଅସନ୍ତୁଷ୍ଟ କର୍ମୀଙ୍କ ମଧ୍ୟରେ ମେଳି

ଖୋର୍ଦ୍ଧା,୫/୪(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ୨୪ ନମ୍ବର ଜୋନର ହଜ ପଂଚାୟତ ଅନ୍ତର୍ଗତ ନିଧିପୁର ସ୍ଥିତ ମା ଜାଗେଶ୍ୱରୀଙ୍କ ପୀଠରେ ଅପରାଜିତା ହଟାଅ ଦାବୀକୁ ନେଇ ଅସନ୍ତୁଷ୍ଟ ବିଜେପି ବିଜେଡ଼ି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ଦକ୍ଷିଣ ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଦୀର୍ଘ ୫ ବର୍ଷ ଧରି ପୁରୁଣା କର୍ମୀ ମାନଙ୍କୁ ଉପେକ୍ଷା କରି ସଙ୍ଗଠନ କରି ଆସୁଥିବାରୁ ଫଳରେ ବହୁ କର୍ମୀଙ୍କ ଅସନ୍ତୋଷର କାରଣ ହୋଇଛନ୍ତି । ବିଗତ ନିର୍ବାଚନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେପି ସଙ୍ଗଠନ କରି ବହୁ ଗୁଣରେ ଭଲ ପ୍ରଦର୍ଶନ କରି ଆସିଥିଲା । ସାଂସଦ ଅପରାଜିତା ହେବା ପରେ ନିର୍ବାଚନରେ ଦଳ ବିରୋଧି କାର୍ଯ୍ୟ ଯୋଗୁଁ ସେଭଳି ଆଖି ଦୃଶିଆ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସକ୍ଷମ ହୋଇ ନ



ଥିଲେ । ଏଭଳି ଦଳ କାର୍ଯ୍ୟକୁ ଘୋର ନିନ୍ଦା କରିବା ସହ ସାଂସଦ ଅପରାଜିତାଙ୍କୁ ଚଳିତ ନିର୍ବାଚନରେ ଲଢ଼ିବା ପାଇଁ ସୁଯୋଗ ନ ଦିଆ ଯାଉ ବୋଲି କହିଛନ୍ତି । ଆଗାମୀ ନିର୍ବାଚନରେ ସାଂସଦ ଅପରାଜିତାଙ୍କୁ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀତ୍ୱକୁ କେନ୍ଦ୍ର ଓ ରାଜ୍ୟ କାଏମ ଜାରୀ ରଖିବେ ତେବେ ଅସନ୍ତୁଷ୍ଟ କର୍ମୀ ପ୍ରତ୍ୟେକ ଗ୍ରାମର ଜନସାଧାରଣଙ୍କ ପାଖରେ ପହଂଚି ନୋଟାରେ ଭୋଟ ଦେବା ପାଇଁ ସଚେତନ କରାଯିବ ବୋଲି କହିଛନ୍ତି । ଏହି ସଭାରେ ୮ ଗୋଟି ପଂଚାୟତ ର ସକ୍ରିୟ କାର୍ଯ୍ୟକର୍ତ୍ତା ଧ୍ରୁବ ଚରଣ ବାହିନୀପତି, ସନ୍ତୋଷ କୁମାର ବେହେରା, ସହଦେବ ବେହେରା, ରମେଶ ସାମନ୍ତରାୟ, ପ୍ରମୋଦ ରାଉତରାୟ, ରବି ମଙ୍ଗରାଜ, ନରସିଂହ ସୁନ୍ଦରାୟ, ଗୌରାଙ୍ଗ ଚରଣ ପ୍ରହରାଜ, ଧନେଶ୍ୱର ପ୍ରଧାନ, ରାମଚନ୍ଦ୍ର ସେନାପତି, ଅଧିକାରୀ ନାୟକ ବିଦ୍ୟାଧର ରାଉତରାୟ, ନିବାସ ବଳିୟାର ସିଂହ, ଭଗବାନ ସ୍ୱାଇଁ, ତପନ ନାୟକ, ଶରତ ସାମନ୍ତରାୟ ଓ ଗଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

# କଚେରୀଡିହ ମା'ଭଗବତୀଙ୍କ ମନ୍ଦିର ପାଖ ରାସ୍ତା କଡରେ ନଳକୂପ ଅଚଳ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରମପ ାୟତର କଚେରୀଡିହ (ତରାପୁର)ସ୍ଥିତ ମା'ଭଗବତୀଙ୍କ ମନ୍ଦିର ନିକଟ ରାସ୍ତା କଡରେ ଥିବା ନଳକୂପଟି ପ୍ରୟ ୬ମସ ହେବ ଅଚଳ ହୋଇପଡିଥିବା ବେଳେ ସେହି ନିକଟରେ ଥିବ ଜଳ ଯୋଗାଣ ପ୍ରକଳ୍ପର ଷ୍ଟାଣ୍ଡଟି ମଧ ଭାଙ୍ଗିରୁଜି ଯାଇଛି । ଫଳରେ ଦୈନନ୍ଦିନ ସେହି ମନ୍ଦିରକୁ ଯାଉଥିବା ଓ ସେହି ବାଟଦେଇ ଯାତାୟତ କରୁଥିବା ଶହ ଶହ ସଂଖ୍ୟାରେ ଲୋକ ପିଇବା ପାଣି ଟୋପେ ପଇଁ ନହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏସମ୍ପର୍କରେ ସ୍ଥାନୀୟ ଅଧିବାସୀମାନେ ଚକ୍ରୋଡା ପ ୟତର ସରପ ଓ କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଅଦ୍ୟାବଧି ସେହି ସମସ୍ୟାର ନିରାକରଣ ହୋଇପାରିନି । ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଫଳରେ ସେହି ରାସ୍ତା ଦେଇ ଯାଉଥିବ ଯାତ୍ରୀଙ୍କ ସମେତ ମା'ଙ୍କ ମନ୍ଦିରକୁ ଯାଉଥିବା ଭକ୍ତ ଓ ଶ୍ରଦ୍ଧାଳୁମନେ ପାଣି ଟୋପେ ପାଇଁ ଉହଳବିକଳ ହେଉଛନ୍ତି । ଏନେଇ ସ୍ଥନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ହରିଶଙ୍କର ଠାରେ ରଣେଶ୍ୱର ରାମଚଣ୍ଡି ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ

ଖପ୍ରାଖୋଲ,(ପିଏନ) ଖପ୍ରାଖୋଲ ବ୍ଲକ ର ପବିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କର ଝରଣା କୂଳରେ ନିର୍ମିତ କୁଲୁତା ସମାଜ ର ରଣେଶ୍ୱର୍ ରାମଚଣ୍ଡି ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ହୋମ ଯଜ୍ଞ, ଷୋହଳ ପ୍ରହର ନାମ ଯଜ୍ଞ ପୂର୍ଣ୍ଣାହୂତି କରାଯିବା ସହ କଳସ ଭସାଣୀ ଅନୁଷ୍ଠିତ ହୋଇଥିଲା । ଛଅ ଦିନ ଧରି ଅନୁଷ୍ଠିତ ଉତ୍ସବରେ ପ୍ରଥମେ କଳସ୍ ଶୋଭାଯାତ୍ରା, ମନ୍ଦିର ପ୍ରତିଷ୍ଠା, କୁଲୁତା ସମାଜ ର ଇଷ୍ଟଦେବୀ ମା ରଣେଶ୍ୱର୍ ରାମଚଣ୍ଡି ଙ୍କ ଅଷ୍ଟଧାତୁ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା । ପବିତ୍ର ବେଦ ମନ୍ତ୍ର, ନାମ ସଙ୍କୀର୍ତ୍ତନ ରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥଲା । ଏହି ଅବସରରେ ମୁଖ୍ୟ ପୁଜା କର୍ତ୍ତା ରୂପେ ଜିଲ୍ଲା ସଭାପତି ବେଲାରସେନ ଭୋଇ, ଯଜ୍ଞ କର୍ତ୍ତା ରୂପେ ଗୋବର୍ଦ୍ଧନ ସାହୁ କାର୍ଯ୍ୟସମ୍ପାଦନ କରିଥିବା ବେଳେ ୩୦ ଯୋଡ଼ି କର୍ତ୍ତା କୁଣ୍ଡରେ କର୍ତ୍ତା ରୂପେ ହୋମ ଯଜ୍ଞ ରେ ଅଂଶଗ୍ରହଣ କରିଥିଲେ । ଯଜ୍ଞ ମୁଖ୍ୟ ଆଚାର୍ଯ୍ୟ ରୂପେ ପଣ୍ଡିତ ବୈଦ୍ୟନାଥ ମିଶ୍ର ,କମାଲାପତି ମିଶ୍ର, ଫାଲଗୁନ ଦାଶ, ପଦ୍ମନାଭ ଦାଶ ପ୍ରମୁଖ ଯୋଗଦେଇ ଥିଲେ । ଏହି ଉତ୍ସବରେ ଜିଲା ତଥା ଜିଲା ବାହାରର ହଜାର ହଜାର କୁଲୁତା ସମାଜ ର ମହିଳା ପୁରୁଷ ଯୋଗଦେଇଥିଲେ ।

# ମାଫିଆଙ୍ଗ କବଳରେ ନେଲୁଙ୍ଗ ଜଙ୍ଗଲ ଓ ହୁଡି

କେନ୍ଦୁଝର(ପିଏନ): ସଂପ୍ରତି ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୫/୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଗ୍ରାମ ପଥରହୁଡି ଏବଂ ସଂରକ୍ଷିତ ଜଙ୍ଗଲରୁ ଅହରହ ଟ୍ରାକ୍ଟର ଯୋଗେ ପଥର, ବାଲି, ମୋରମ ଇତ୍ୟାଦି ଚୋରି କରି ବାହାରେ ବିକ୍ରୀ ହେଉଛି । ଏହି ଲଘୁଖଣିଜ ସମ୍ପଦ ଚୋରି କରୁଥିବା ମାଫିଆ ମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ଏତେ ପରିମାଣରେ ବଢି ଗଲାଣି ଯେ ଗ୍ରାମବାସୀ ତ୍ରାହି ତ୍ରାହି ଡାକିଲେଣି । ଗ୍ରାମ ଜଙ୍ଗଲରୁ ପଥର ଓ ମୋରମ ଇତ୍ୟାଦି କୋଟି କୋଟି ଟଙ୍କାର ସମ୍ପଦ ଦିନଦ୍ୱିପ୍ରହରେ ପ୍ରଶାସନ ଜାଣିବାରେ ଚୋରି ହେଉଛି । ପ୍ରତ୍ୟେକ ବର୍ଷ ପଥର ଖଣିରେ ଗୃହ ପାଳିତ ପଶୁମାନେ ପଡି ମୃତାହତ ହେଉଛନ୍ତି । ଗ୍ରାମ ରାସ୍ତାରେ ଅହରହ ଟ୍ରାକ୍ଟର ଚାଲିବା ଫଳରେ ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଘୋର ବାଧାପ୍ରାପ୍ତ ହେଉଛି । ଗ୍ରାମବାସୀମାନେ ବହୁବାର ଜିଲ୍ଲା ପ୍ରଶାସନ ପାଖରେ ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବରଂ ଏହାଦ୍ୱାରା ଖଣିଜ ସମ୍ପଦ ଚୋରୀ କରୁଥିବା ମାଫିଆମାନେ ଦ୍ୱିଗୁଣିତ ବେଗରେ ଚୋରୀ କରୁଛନ୍ତି । ସେମାନେ ପ୍ରକାଶ୍ୟରେ କହୁଛନ୍ତି ଯେ ତହସିଲ ଅଫିସ୍ ଓ ଜଙ୍ଗଲ ବିଭାଗ ବାବୁ ମାନଙ୍କୁ ମାସିକ ହାତ ଚିକ୍କଣ ମିଳୁଛି । ଏଥିରେ ସେମାନଙ୍କ କେଶ ମଧ କେହି ଉପାଡି ପାରିବେ ନାହିଁ । ବ୍ୟାପକ ଲଘୁ ଖଣିଜ ଚୋରୀ ଯୋଗୁଁ ପରିବେଶ ତ ନଷ୍ଟ ହେଉଛି ସରକାର ମଧ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଚୋରୀକୁ ପ୍ରତିବାଦ କଲେ ମାଫିଆମାନେ ପ୍ରତିବାଦକାରୀଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦେଉଛନ୍ତି । ଏ ସମ୍ବନ୍ଧରେ ସଦର ତହସିଲଦାରଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ତହସିଲଦାର ବାବୁ କହିଲେ ଯେ ଦୁଇମାସ ପୂର୍ବେ ୨ଟି ଟ୍ରାକ୍ଟରକୁ ଧରାଯାଇ ଜୋରିମାନା ଆଦାୟ ହୋଇଛି । ଯା ବ୍ୟତିରେକ ସେ ଅନ୍ୟ କିଛି କରିପାରିବେ ନାହିଁ । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଶାସକକୁ ସାହାଯ୍ୟ କରିବାକୁ ପ୍ରଶାସକ ନିଯୁକ୍ତି ହୋଇଥାନ୍ତି । ଯଦି ପ୍ରଶାସକ ଅସହାୟ ହୋଇପଡେ ଆଗାମୀ କାଲି ଦେଶରେ ଉ ରପ୍ରଦେଶ ପରି ବାହୁବଳୀ ସୃଷ୍ଟି ହୋଇ ସମଗ୍ର ଜନସାଧାରଣଙ୍କ ପାଇଁ ତଥା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବ । ଏଣୁ ନେଡି ଗୁଡ କହୁଣିକୁ ବୋହି ଯିବା ପର୍ବରୁ ଏ ପ୍ରକାର ମାଫିଆ ମାନଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଗ୍ରାମର ଦାମୋଦର ପଣ୍ଡା, କ୍ଷିରୋଦ ଚନ୍ଦ୍ର ରଣା, ଗଙ୍ଗାଧର ନାଏକ, ରବି ଦାସ, ରାହାସ ରଣା, ଧରଣୀ ପାତ୍ର, ଶ୍ରୀକାନ୍ତ ନାଏକ ପ୍ରମୁଖ ନିବେଦନ କରିଛନ୍ତି । ଚୋରୀ ରୋକା ନଗଲେ ଜିଲ୍ଲା ପ୍ରଶାସନ ପାଖରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହୋଇଛି ।

# ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ, (ପିଏନ)-ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ ହୋଇଛି । ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଂଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି । ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ତେବେ ଆଜି ଯେଉଁସବୁ ଅଂଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଂଚଳ ହେଲା ଭୁବନେଶ୍ୱରର କିମ୍‌ସ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଂଚାୟତର ଜଣେ, ଏମ୍‌ସ୍‌ରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ଭଦ୍ରକ ବ୍ଲକର କୋରକୋରା ପ ାୟତରୁ ଜଣେ, ବହୁଦରଡା ପ ାୟତରୁ ୧୦, ଚଣ୍ଡିଗାଁ ପ ାୟତରୁ ୨ଜଣ, ବନ୍ଧଗାଁ ପ ାୟତରୁ ଜଣେ, ଚରମ୍ପାରୁ ୩, ଗେଲପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୪, ରାହାଞ୍ଜାରୁ ଜଣେ, ଆର.ଏନ.ବେତଡାରୁ ୨, ସାବରଙ୍ଗରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପ ାୟତରୁ ୨, ନୂଆଗାଁ ପ ାୟତରୁ ୩, କୁରିଗାଁରୁ ଜଣେ, ରହଣିଆରୁ ଜଣେ, ରାମଚନ୍ଦ୍ରପୁରରୁ ୨, ସରସଦାରୁ ଜଣେ, ତେସିଙ୍ଗାରୁ ୨, ନପଙ୍ଗରୁ ଜଣେ, ତିହିଡି ବ୍ଲକର କାଁପଡା ପ ାୟତରୁ ୨ଜଣ, ଭାଟପଡା ପ ାୟତରୁ ଜଣେ, ବିଲଣାରୁ ଜଣେ, ବୋଡକରୁ ଜଣେ, ଦୋଳସାହିରୁ ୬, ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପ ାୟତରୁ ୨ଜଣ, ଗୋଲାଡିହା ପ ାୟତରୁ ଜଣେ, ଧାମନଗର ବ୍ଲକ ଧୁଷୁରୀ ପ ାୟତରୁ ୨ଜଣ, ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପ ାୟତରୁ ଜଣେ, ଅରଣ୍ଡୁଆ ପ ାୟତରୁ ଜଣେ, ବାସୁଦେବପୁର ପୌରପାଳିକାର ବାଲିନଗର ଅ ଳରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୨୩ ନଂ ୱାର୍ଡରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ୨, ୧୩ ନଂ ୱାର୍ଡରୁ ଜଣେ, ୨୯ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡରୁ ୨ଜଣ, ୬ ନଂ ୱାର୍ଡରୁ ୨, ୭ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକଆଡିଆ ପ ାୟତରୁ ୨ଜଣ, ବଡବର୍ଦ୍ଧିକୟାଁରୁ ୨, ବନ୍ତ ପ ାୟତରୁ ୨, ଗଣିଜାଙ୍ଗରୁ ଜଣେ, ଓଡଙ୍ଗରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସମୁଳିଆ ଅ ଳରୁ ଜଣେ ଏବଂ ବାଉଁମଣି ଅ ଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

MAHARISHI PUBLIC SCHOOL
2024-2025

ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




# ନିରାପଦ ମାତୃତ୍ୱ : ଆଜିର ଆହ୍ୱାନ

ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ। ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା, ଶିଶୁ ଜନ୍ମ ପରେ ମାଆର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏପ୍ରିଲ ୧୧ ତାରିଖ କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ ଏହାକୁ ମାତୃତ୍ୱ ଦିବସ ଭାବେ ପାଳନ କରିବା ଲାଗି ଭାରତ ସରକାର ୨୦୦୩ରେ ନିଷ୍ପତ୍ତି ନେଇଥିଲେ। ଏହି ଦିବସ ପାଳନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନିରାପଦ ମାତୃତ୍ୱ କହିଲେ ଉଭୟ ମାଆ ଓ ଶିଶୁର ସୁରକ୍ଷାକୁ ବୁଝାଏ। ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ। ଏହାଦ୍ୱାରା ମାଆ ଓ ଶିଶୁ ମୃତ୍ୟୁହାର କମିବ। ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକା ଗ୍ରହଣ, ପ୍ରସବ ସମୟରେ ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ। ଏହାଦ୍ୱାରା ମାଆ-ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ। ଆଜିକା ସମୟରେ ମହିଳାମାନେ ନିଜ କର୍ମ ସଂସ୍ଥାନର ଦାୟିତ୍ୱ କୁହନ୍ତୁ ବା ଘର ସଂସାରର ବୋଝ, ସବୁଠି ନିଜକୁ ନିଜେ ହିଁ ଅବହେଳିତ କରୁଛନ୍ତି। ଯାହାପାଇଁ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ମହିଳାଙ୍କର ଶାରୀରିକ ଅସୁସ୍ଥତା ଦେଖାଯାଉଛି। ନିରାପଦ ମାତୃତ୍ୱ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଅସଚେତନତା, ଦାରିଦ୍ର୍ୟ, କୁପୋଷଣ ଓ ଅଶିକ୍ଷା। ଖୁବ୍ କମ ବୟସ ବେଳୁ ବିବାହ କରିବା ସମସ୍ୟା ଭାରତର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଅଳ୍ପ ବୟସରୁ ବିବାହ କରି ସଂସାରକୁ ନ ବୁଝିଥିବା ଝିଅଟି ଖୁବ୍ ଶୀଘ୍ର ଗର୍ଭଧାରଣ କରିବା ଦ୍ୱାରା ଏହା ଉଭୟ ମାଆ ଓ ଶିଶୁ ଉପରେ ଭୟଙ୍କର ପ୍ରଭାବ ପକାଇଥାଏ। ଅନେକ କ୍ଷେତ୍ରରେ ମାତୃ ମୃତ୍ୟୁହାରର ଏହା ବଡ଼ କାରଣ ପାଲଟିଥାଏ। କେବଳ ମାତୃ ମୃତ୍ୟୁହାର ନୁହେଁ କେତେକ କ୍ଷେତ୍ରରେ ପିଲାଟି ଜନ୍ମ ହେବାପୂର୍ବରୁ ବା ଜନ୍ମ ହେବାର କିଛି ଦିନ ପରେ ମୃତ୍ୟୁବରଣ କରିଥାଏ। ଅନେକ କ୍ଷେତ୍ରରେ ଦୁର୍ବଳିଆ ଶିଶୁ ଜନ୍ମ ନେଇ ସାରା ଜୀବନ ବିଭିନ୍ନ ରୁଗ୍‌ଣ ସମସ୍ୟାକୁ ସାମ୍ନା କରିଥାଏ। ସେହିପରି ନିରାପଦ ମାତୃତ୍ୱ କ୍ଷେତ୍ରରେ କୁପୋଷଣ ଅନ୍ୟ ଏକ ସମସ୍ୟା। ସନ୍ତାନଟି ଗର୍ଭସ୍ଥ ହେବାପରେ ସଠିକ୍ ଭାବେ ଖାଦ୍ୟ, ବିଶ୍ରାମ, ଡାକ୍ତରୀ ପରାମର୍ଶ ଓ ନିର୍ଦ୍ଦିଷ୍ଟ ଔଷଧ ଓ ଟୀକା ଗ୍ରହଣ ଜରୁରୀ। ଗର୍ଭବତୀ ମାଆଟି ପାଇଁ ତା ଶରୀର ଓ କାର୍ଯ୍ୟ ତୁଳନାରେ ପୌଷ୍ଟିକ ଓ ସୁଷମ ଖାଦ୍ୟ ତା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ଅନେକ ସମୟରେ ଡାକ୍ତରୀ ଚିକିତ୍ସା ବା ପରାମର୍ଶ ଅପେକ୍ଷା ଘର ବଇଦ ଚିକିତ୍ସାକୁ ଆପଣାଇ ଅନେକ କ୍ଷେତ୍ରରେ ଗର୍ଭବତୀମାନେ ଗୁରୁତର ହୋଇପଡ଼ିଥାନ୍ତି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ଏ ଦିଗଟିକୁ ଅତ୍ୟନ୍ତ ଗୁରୁତ୍ୱ ବିଚାର କରି ସରକାରୀ ଭାବେ ଗର୍ଭବତୀ ମାଆଙ୍କୁ ପ୍ରାଥମିକ ଅବସ୍ଥାରୁ ସେମାନଙ୍କ ପାଖରେ ଡାକ୍ତରୀ ପରାମର୍ଶ, ଉତ୍ତମ ସୁଷମ ଖାଦ୍ୟ ଓ ଆନୁସଙ୍ଗିକ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ବ୍ୟବସ୍ଥାରେ ନିକଟସ୍ଥ ଯେକୌଣସି ଡାକ୍ତରଖାନାରେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ପ୍ରଦାନ କରାଯାଉଛି। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା, ଔଷଧପତ୍ର, ଡାକ୍ତରୀ ପରାମର୍ଶ ଓ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ଯାହାଦ୍ୱାରା ନିରାପଦ ମାତୃତ୍ୱ ଏକ ବଡ଼ ସୁନିଶ୍ଚିତ ହୋଇପାରୁଛି। ସରକାରୀ ବ୍ୟବସ୍ଥାରେ ରାଜ୍ୟରେ ଅଗମ୍ୟ, ଉପାନ୍ତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ କରାଯାଉଛି। ଗର୍ଭବତୀ ମାନଙ୍କ ପାଖରେ ଡାକ୍ତରୀଦଳ ଓ ପରୀକ୍ଷା ନିରୀକ୍ଷା ଟିମ୍ ଉପଲବ୍ଧ କରାଯାଉଛି। ତେବେ ଏତେ ସବୁ ଭିତରେ ମଧ୍ୟ କେତେକ ସ୍ଥାନରେ ନିରାପଦ ମାତୃତ୍ୱ ଅପହଞ୍ଚ ହୋଇଯାଉଛି ତ କେଉଁଠି ଗର୍ଭବତୀଙ୍କ ନିକଟ ସମ୍ପର୍କୀୟ ମାନଙ୍କ ସଠିକ ତଥ୍ୟ ଅଭାବରୁ ପରିସ୍ଥିତି ଜଟିଳ ହୋଇଯାଉଛି। କେନ୍ଦ୍ର ସରକାର ମଧ୍ୟ କେତେକ କ୍ଷେତ୍ରରେ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ ସୁରକ୍ଷିତ କ୍ଷେତ୍ର ଭାବେ ଅଗ୍ରାଧିକାର ଦେଇ ବିଭିନ୍ନ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଅନେକ ସହାୟତା ପ୍ରଦାନ କରୁଛନ୍ତି। ଆଜି ଜାତୀୟ ନିରାପଦ ମାତୃତ୍ୱ ଦିବସ ଅବସରରେ କେବଳ ଦାୟିତ୍ୱ ସରକାର ବା ଗର୍ଭବତୀଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଆମ୍ଭ ମାନଙ୍କ ଭିତରେ ସଚେତନତା ଏ କ୍ଷେତ୍ରରେ ଅତ୍ୟନ୍ତ ଜରୁରୀ। ଜଣେ ନିଜର କେହି ନ ହେଲେ ବି ପଡ଼ୋଶୀଟିଏ ହେଉ ବା ଅପରିଚିତ ସେମାନଙ୍କୁ ସରକାରୀ ବ୍ୟବସ୍ଥାର ସମସ୍ତ ସୁବିଧା ସୁଯୋଗ ଓ ସ୍ୱାସ୍ଥ୍ୟଜନିତ ସଚେତନତା ସେମାନଙ୍କ ପାଖରେ ପହଞ୍ଚିବାର ଗୁରୁଦାୟିତ୍ୱ ନିର୍ବାହ କଲେ ନିଜକୁ ଜଣେ ସମାଜର ଯଥାର୍ଥ ଜାଗ୍ରତ ପ୍ରହାରୀ ଓ ଉପଯୁକ୍ତ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବା। ଆସନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଏହି ଦାୟିତ୍ୱର ସହଭାଗୀତାରେ ସମସ୍ତଙ୍କୁ ସାମିଲ କରି ଏକ ସୁନ୍ଦର ଓ ଉତ୍ତମ ଶିଶୁ ଯେ କି ଆଗାମୀ ଭବିଷ୍ୟତର ପ୍ରତୀକ ଏହାକୁ ବିବେଚନା କରି ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ବଜାୟ ରଖିପାରିବା।

# ରାଜ୍ୟରେ ଫସଲବୀମା ନମିଳିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଦାୟୀ

ଭୁବନେଶ୍ୱର (ପିଏନ୍): ପଶ୍ଚିମ ଓଡିଶାର ବରଗଡ, ପଦ୍ମପୁର ଆଦି ଅଞ୍ଚଳରେ ଚାଷୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିଲେ ସୁଦ୍ଧା ସରକାରଙ୍କ ନିଦ ଭାଙ୍ଗୁ ନଥିଲା। ଏବେ ପଦ୍ମପୁର ଉପନିର୍ବାଚନ ଦୃଷ୍ଟିରୁ ବିଜେଡି ଓ ବିଜେଡି ଉଭୟେ ପରସ୍ପରକୁ ଦାୟୀ କରି ଚାଷୀମାନଙ୍କୁ ଭଣ୍ଡାଇବାକୁ ଉଦ୍ୟମ କରୁଛନ୍ତି। ଫସଲ ବୀମା ରାଶି ଚାଷୀଙ୍କୁ ନ ମିଳିବା ପାଇଁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଦୋଷୀ। ନରେନ୍ଦ୍ରମୋଦୀ ସରକାର କ୍ଷମତାକୁ ଆସିଲା ପରେ ୨୦୧୬ ମସିହାରେ ଘରୋଇ ବୀମା କମ୍ପାନୀକୁ ପ୍ରବେଶ କରାଇ ଏହାକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଖିଲେ। ରାଷ୍ଟ୍ରାୟତ ବୀମା କମ୍ପାନୀ ଗୁଡିକୁ ସ୍ଥାଣୁ କରିଦେଲେ। ଫସଲବୀମା ଯୋଜନା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ନିଜର ମନ ମୁତାବକ କମ୍ପାନୀ ଚୟନ କରିବେ। ଏହି ଯୋଜନାରେ ବୀମା ପ୍ରିମିୟମ ବାବଦକୁ ହିତାଧିକାରୀ କୃଷକ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଅର୍ଥରାଶି ବହନ କରିବେ। ଏହି ଯୋଜନା ପ୍ରଣୟନ ହେବାର ଛଅ ବର୍ଷ ପରେ ସରକାରୀ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଘରୋଇ ବୀମା କମ୍ପାନୀମାନେ ସମଗ୍ର ଅର୍ଥକୁ ଲୁଟ କରୁଛନ୍ତି। ନିକଟରେ ଏକ ତଥ୍ୟ ପ୍ରକାଶ ପାଇଛି ଯେ ବିନା ପୁଞ୍ଜି ବିନିଯୋଗରେ ଏହି କମ୍ପାନୀମାନେ ୪୦୦୦୦ କୋଟି ଟଙ୍କା ହଡପ କରିଛନ୍ତି। ଓଡିଶା ସମେତ କୌଣସି ରାଜ୍ୟରେ ଚାଷୀ ଏହାର କୌଣସି ସୁବିଧା ପାଉନାହାଁନ୍ତି। ଏହାର ପରିଣାମ ସ୍ୱରୂପ ବିଜେପି ଶାସିତ ଗୁଜୁରାଟ ସମେତ ୧୦ ରୁ ଉର୍ଦ୍ଧ୍ୱ ରାଜ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଚୁକ୍ତିରୁ ଓହରିବା ଆରମ୍ଭ କରିଛନ୍ତି।

କେନ୍ଦ୍ର ସରକାର ସ୍ଥିର କରିଥିବା ହାତ ଗଣତି କିଛି କମ୍ପାନୀ ମଧ୍ୟରୁ ଘରୋଇ ବୀମା କମ୍ପାନୀମାନଙ୍କୁ ଓଡିଶାରୁ ହଟାଇବା ସହ ଖିଲାପି କମ୍ପାନୀଗୁଡିକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି। କିନ୍ତୁ ଓଡିଶାରେ ଘରୋଇ ବୀମା କମ୍ପାନୀର ବ୍ୟବସାୟ ଚାଲୁ ରହିଛି। ଓଡିଶାର ଚାଷୀ ବହୁଳ ଅଞ୍ଚଳ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ବୀମା ରାଶି ପାଉନାହାଁନ୍ତି। ରାଜ୍ୟ ସରକାରଙ୍କ ଟେକନିକାଲ ଟିମ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେଲା ପରେ ବୀମା କମ୍ପାନୀ ଚାଷୀଙ୍କୁ ଏହି ବୀମା ରାଶି ପୈଠ କରିବା ପାଇଁ ନିୟମ ରହିଛି। ଜିଲ୍ଲା ସ୍ତରର ବିବାଦ ଫଇସଲା ପାଇଁ ଜିଲ୍ଲାପାଳ ନୋଡାଲ ଏଜେନ୍ସି ଭାବେ କାମ କରିବେ। ମାତ୍ର ଅଧିକାଂଶ ସ୍ଥାନରେ ସଠିକ୍ ସମୟରେ କ୍ଷୟକ୍ଷତିର ସର୍ଭେ ନହେବା, ସଠିକ ସମୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ସ୍ଥିର ନ ହୋଇପାରିବା ଇତ୍ୟାଦି ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ବୀମା କମ୍ପାନୀମାନଙ୍କର ବ୍ୟାବସାୟିକ ଲୁଣ୍ଠନ ମନୋବୃତ୍ତି ଯୋଗୁଁ ଚାଷି ଲାଭ ପାଉ ନାହିଁ। ଏବଂ ସରକାରଙ୍କ ପ୍ରିମିୟମ ଦେୟ ମଧ୍ୟ ଲୁଟ ହେଉଛି। କ୍ରମାଗତ ଭାବେ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ ଏହିଭଳି ଚାଷୀ ମାରଣ ବୀମା ଯୋଜନା ପଦାକୁ ଆସିଥିଲେ ମଧ୍ୟ ରାଜ୍ୟ ସରକାର ସମ୍ପୃକ୍ତ ବୀମା କମ୍ପାନୀମାନଙ୍କ ବିରୋଧରେ ଅର୍ଥନୈତିକ ଅପରାଧିକ ମାମଲା କାହିଁକି ଦାୟର କରିନାହାଁନ୍ତି ? କେନ୍ଦ୍ର ସରକାରଙ୍କ ଏହି ଯୋଜନାରୁ ରାଜ୍ୟ ସରକାର କାହିଁକି ଓହରି ନାହାଁନ୍ତି ? ଜିଲ୍ଲାପାଳମାନେ ଚାଷୀମାନେ ବୀମା ରାଶି ପାଇବା ପାଇଁ କି ପଦକ୍ଷେପ ନେଇଛନ୍ତି ? କେନ୍ଦ୍ର ସରକାର ଏହି ଲୁଟେରା କମ୍ପାନୀମାନଙ୍କୁ କଳା ତାଲିକାଭୁକ୍ତ କରି ବ୍ୟବସାୟରୁ ହଟାଉନାହାଁନ୍ତି କାହିଁକି ? ଏହି ପ୍ରଶ୍ନର ଉତ୍ତର ରାଜ୍ୟ ସରକାର ଦେବା ଦରକାର। ବାସ୍ତବରେ ନରେନ୍ଦ୍ର ମୋଦୀ ସରକାରଙ୍କର ଫସଲ ବୀମା ଯୋଜନାର କର୍ପୋରେଟକରଣ ହିଁ ଏହି ଅବସ୍ଥା ପାଇଁ ମୂଳତଃ ଦାୟୀ। ରାଜ୍ୟ ସରକାର ଚାଷୀଙ୍କ ହିତରେ ଠୋସ କୌଣସି ପଦକ୍ଷେପ ଗ୍ରହଣ ନକରି କେବଳ ଚିଠି ଲେଖି ଚୁପ୍ ରହିବା ଯୋଗୁଁ ଚାଷୀମାନେ ହିଁ ହନ୍ତସନ୍ତ ହେଉଛନ୍ତି।

# ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ଯଥା ବାଲି, ଗୋଡ଼ି, କଳାପଥର, ମୋରମ ଇତ୍ୟାଦିର ବେଆଇନ ଖଣି ଖନନ, ହରିଲୁଟ୍ ଏବଂ କୋଟିକୋଟି ଟଙ୍କାର ରାଜସ୍ୱହାନୀ ବିରୁଦ୍ଧରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଲୋହିଆ ଏକାଡେମୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଆଲୋଚନା ସଭାକୁ ଉଦ୍‌ଘାଟନ କରି ବରିଷ୍ଠ ସାମ୍ବାଦିକ ଶ୍ରୀ ରବି ଦାସ କହିଥିଲେ ଯେ, ରାଜ୍ୟସାରା ବେଆଇନ୍ ଭାବେ ଚାଲିଥିବା ଖଣିଜ ଦ୍ରବ୍ୟର ଲୁଟ୍ ରାଜ୍ୟର ଦ୍ୱିତୀୟ ଖଣି ହରିଲୁଟ୍ କହିଲେ ଅତ୍ୟୁକ୍ତି ହେବନାହିଁ। ୨୦୦୮ରୁ ୨୦୧୨ ମଧ୍ୟରେ ହୋଇଥିବା ଖଣି ହରିଲୁଟ୍ ମୋଟାମୋଟି କେଉଁଝରର ଜିଲ୍ଲାରେ ସୀମିତ ଥିଲାବେଳେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ସବୁ ଜିଲ୍ଲାରେ ଚାଲିଛି। ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ହୋଇଥିବା ବୋମାମାଡ଼ର ଉଦାହରଣ ଦେଇ ସେ କହିଲେ ଯେ, ଯେଉଁ ସ୍ଥାନରେ ଏହି ବାଲି ଓ ପଥର ଚୋରି ବିରୁଦ୍ଧରେ ପ୍ରତିବାଦ ହେଉଛି, ସେଠାରେ ଖଣିମାଫିଆମାନେ ପୋଲିସ୍ ପ୍ରଶାସନ ସହାୟତାରେ ସାମାଜିକ କର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ କରି ଆବଶ୍ୟକ ପଡ଼ିଲେ ହତ୍ୟା କରୁଛନ୍ତି। ଏହି ଖଣି ଲୁଟ୍ ଯୋଗୁଁ ରାଜ୍ୟର ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି ଏବଂ ଉକ୍ତ ଅଞ୍ଚଳର ସାଧାରଣ ଲୋକଙ୍କର ଜୀବନ ଜୀବିକା ମଧ୍ୟ ନଷ୍ଟ ହେଉଛି। ତେଣୁ ଖଣି ଚୋରି ବିରୁଦ୍ଧରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରି ସେମାନଙ୍କୁ ସଂଗଠିତ କରି ଆନ୍ଦୋଳନ କରିବାକୁ ସମସ୍ତ ସାମାଜିକ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ସଭାର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ ଅଭିଯାନର ରାଜ୍ୟ ଆବାହକ ଶ୍ରୀ ପ୍ରଦୀପ ପ୍ରଧାନ କହିଥିଲେ ଯେ, ଆଜିର ଦିନରେ ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଧୀନରେ ବିଛାଖଣ୍ଡି ପାହାଡ଼, ଡଙ୍କାରୀ ପାହାଡ଼ ଏବଂ ଆରୁହା ପାହାଡ଼ରେ ଚାଲିଥିବା ହରିଲୁଟ୍ ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ସୂଚନା ଅଧିକାର କର୍ମୀ ଶ୍ରୀ ସର୍ବେଶ୍ୱର ବେହୁରାଙ୍କୁ ବୋମାମାଡ଼ କରି ଜୀବନରେ ମାରିଦେବାକୁ ଚକ୍ରାନ୍ତ ହୋଇଥିଲା ଏବଂ ସେ ଅତ୍ୟଧିକ କ୍ଷତାକ୍ତ ହୋଇଥିଲେ ମଧ୍ୟ ବଞ୍ଚି ଯାଇଥିଲେ। ତେଣୁ ରାଜ୍ୟବ୍ୟାପୀ ଚାଲିଥିବା ଏହି ଲୁଟ୍ ବିରୁଦ୍ଧରେ ବ୍ୟାପକ ଜନଆନ୍ଦୋଳନ ପାଇଁ ଖସଡ଼ା ପ୍ରସ୍ତୁତି ପାଇଁ ଏହି ବୈଠକ ଡକାଯାଇଛି ବୋଲି ସେ କହିଥିଲେ। ଖଣି ଓ ପରିବେଶ ସୁରକ୍ଷା ଦିଗରେ କାମ କରୁଥିବା ବିଶେଷଜ୍ଞମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ପରିବେଶବିତ୍ ଶ୍ରୀ ବିଶ୍ୱଜିତ୍ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ, ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପାଇଁ ଥିବା ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଶାସକ ଦଳର ବିଧାୟକଙ୍କ ସହାୟତାରେ ପୋଲିସ୍ ପ୍ରଶାସନ ସାହାଯ୍ୟରେ ଖଣି ମାଫିଆମାନେ ବାଲି ଏବଂ ପଥର ଲୁଟ କରିଚାଲିଛନ୍ତି। ଏହି ଲୁଟ୍‌ରେ ବିରୋଧୀ ଦଳମାନେ ମଧ୍ୟ ସାମିଲ ଅଛନ୍ତି। ଶାସକ ଓ ବିରୋଧୀ ଦଳର ମିଳିତ ଉଦ୍ୟମରେ ଏହି ଖଣି ଲୁଟ୍ ଚାଲିଛି ବୋଲି ସେ କହିଥିଲେ। ସେଥିପାଇଁ ଯେଉଁ ସ୍ଥାନରେ କାଁଭାଁ ବିରୋଧ ହେଉଛି, ସେଠାରେ ମଧ୍ୟ ବିରୋଧୀ ଦଳମାନେ ସମର୍ଥନ ଦେଉନାହାନ୍ତି। ଫଳରେ ବାଲି, ପଥର ହରିଲୁଟ୍ ବଢ଼ିବଢ଼ି ଚାଲିଛି। ରାଜ୍ୟରେ ଏହା ଦ୍ୱିତୀୟ ଖଣିଲୁଟ୍ ବୋଲି ସେ କହିଥିଲେ। ଆଇନଜୀବୀ ଶଙ୍କର ପାଣି ଖଣିଜ ସମ୍ପଦର ସୁରକ୍ଷା ପାଇଁ ଥିବା ସମସ୍ତ ଆଇନ କାନୁନ ଏବଂ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ତହସିଲଦାରମାନେ ମନଇଚ୍ଛା ଲିଜ୍ ଦେଉଛନ୍ତି ଏବଂ ଯେଉଁ ସ୍ଥାନରେ ନଦୀପଠାରୁ ବାଲି ଲୁଟ୍ ହେଉଛି, ସେଠାରେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବ ରହୁଛି ବୋଲି କହିଥିଲେ। ଲଘୁ ଖଣିଜ ଦ୍ରବ୍ୟ ସମ୍ପର୍କରେ ପ୍ରତି ଜିଲ୍ଲାରେ ଜିଲ୍ଲା ସର୍ଭେ ରିପୋର୍ଟ ହେବା କଥା। କିନ୍ତୁ ପ୍ରାୟ ଜିଲ୍ଲା ଏହି ରିପୋର୍ଟ କରିନାହାନ୍ତି। ଏହି ରିପୋର୍ଟ ନ କରି ଖଣିଜ ଦ୍ରବ୍ୟ ଲିଜ୍ ଦେବା ବେଆଇନ୍। ତେଣୁ ଏହା ବିରୁଦ୍ଧରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ କେସ୍ ହେଲାପରେ ବାଲେଶ୍ୱରରେ ଖଣି ଲିଜ୍ ଦେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ପରିବେଶ ମଞ୍ଜୁରୀ ନଥାଇ, ଟ୍ରାଞ୍ଜିଟ୍ ପରମିଟ୍ ନ ଦେଇ ତହସିଲଦାର ମନଇଚ୍ଛା ଲିଜ୍ ଦେଇଥିବାରୁ ଖଣି ମାଫିଆମାନେ ଶହଶହ ଟ୍ରକ ବାଲି ଲୁଟ୍ କରି ନେଉଛନ୍ତି। ଏହି ଆଲୋଚନାରେ ପରିବେଶ ବିଶେଷଜ୍ଞ ଅନୀଲ ଧୀର, ସୁଦର୍ଶନ ଛୋଟରାୟ, ସାମାଜିକ କର୍ମୀ ସମୀର ପାତ୍ର, ସର୍ବେଶ୍ୱର ବେହୁରା, କେଉଁଝରରୁ ଶଶୀଭୂଷଣ ପଟ୍ଟନାୟକ, ଦିଲ୍ଲୀପ ସାମନ୍ତରାୟ, ଶ୍ରୀକାନ୍ତ ପାକଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଲୋଚନା ଶେଷରେ ଖଣି ଲୁଟ୍ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କୁ ସଙ୍ଗଠିତ କରି ଆନ୍ଦୋଳନ କରିବା, ସୂଚନା ଅଧିକାର ଆଇନର ବ୍ୟାପକ ପ୍ରୟୋଗ ଏବଂ ଖଣି ଲୁଟ୍ ବିରୁଦ୍ଧରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ଇତ୍ୟାଦି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଏହି ଖଣିଜ ଦ୍ରବ୍ୟ ଲୁଟ୍ ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି।

# ସରକାରୀ ଜମିରୁ ଶିକ୍ଷକଙ୍କ ଗଛ କାଟିବା ଘଟଣାରେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

କେନ୍ଦ୍ରାପଡା (ପିଏନ୍): ଏକ ସରକାରୀ ଜମିରୁ ଗଛ କାଟିବା ଏବଂ ସେହି କଟା ଗଛକୁ ଜବତ କରାଯିବା ପରେ ମଧ୍ୟ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି। ସୂଚନା ଅନୁଯାଇ କେନ୍ଦ୍ରାପଡା ବ୍ଲକର ଓସ୍ତପୁର ପଞ୍ଚାୟତ ଅଧିନ ଦେପୁର ଗ୍ରାମର ଜନୈକ ଶିକ୍ଷକ ଦେପୁର ହାଇସ୍କୁଲ ନିକଟ କେନାଲ ବନ୍ଧରେ ଥିବା ଏକ ବଡ ଚାକୁଣ୍ଡା ଗଛଟିକୁ ଗତ ମାସ ୨୦ ତାରିଖରେ କାଟି ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳକୁ ଆସି ଗଛ କଟାଯାଇଥିବାର ଦେଖି ସ୍ଥାନୀୟ ଲୋକଙ୍କୁ ଏସମ୍ପର୍କରେ ପଚରାଉଚରା କରିଥିଲେ। କିନ୍ତୁ ବାସ୍ତବରେ ସଂପୃକ୍ତ ଶିକ୍ଷକ ଜଣକ ଗ୍ରାମର ଅଷ୍ଟମପ୍ରହରୀ ନିମନ୍ତେ ଗଛ କାଟିଥିବା କହି ସେହି ଗଛଟିକୁ ମୂଳରୁ କାଟି ନେଇ ବିକ୍ରି କରିଦେଇଥିବା ଜଣାପଡିଥିଲା। କିନ୍ତୁ ଜଣେ ଶିକ୍ଷକ ସରକାରୀ ନିୟମକୁ ଉଲ୍ଲଘଂନ କରି ସର୍ବ ସାଧାରଣ ସ୍ଥାନ ତଥା ସରକାରୀ ଜମି ଉପରେ ଥିବା ଗଛଟିକୁ ସ୍ୱଷ୍ଟ ଦିବାଲୋକରେ ମୂଳରୁ କାଟିଦେବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ଫଳରେ ଏସମ୍ପର୍କରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଖବର ଦିଆଯିବାରେ ସେ ଘଟଣା ସ୍ଥଳକୁ ଆସି ଗଛ କଟାଯାଇଥିବାର ଦେଖି ତଦନ୍ତ କରି ଫେରିଯାଇଥିଲେ। ଏ କଥା ଜଣା ପଡିବା ପରେ ଗଛ କାଟିଥିବା ଶିକ୍ଷକ ଜଣଙ୍କ ଚଞ୍ଚକତା ପୂର୍ବକ ସେହି ଦିନ ରାତିରେ ଜେ.ସି.ବି ମେସିନ ସାହାଯ୍ୟରେ କଟାଯାଇଥିବା ଗଛର ଗଣ୍ଡି, ଡାଳ ଏବଂ ପ୍ରମାଣ ନଷ୍ଟ ନିମନ୍ତେ ଏପରିକି ଗଛର ମୂଳ ଓ ଚେରକୁ ଉପାଡି ସ୍କୁଲ ନିକଟରୁ ଅଧକିଲୋମିଟର ଦୂର ସ୍ଥାନୀୟ ବଟ ମହାପୁରୁଷଙ୍କ ନିକଟରେ ଫୋପାଡି ଦେଇଥିଲେ। ସେହି ଗଛର ଚେର, ଗଣ୍ଡି ଓ ମୂଳ ବର୍ତ୍ତମାନ ସୁଦ୍ଧା ସେହିଠାରେ ପଡିରହିଛି। ଗଛ କଟାଯାଇଥିବାର ସମସ୍ତ ପ୍ରମାଣ ଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ସେହି ଶିକ୍ଷକଙ୍କ ସହିତ ଗଛ କଟା ବାବଦକୁ ନେଇ ଏକ ଡିଲ୍ ହୋଇଥିବା ଆଲୋଚନା ହେଉଛି। ଶିକ୍ଷକ ଜଣକ ଗତ ପଞ୍ଚାୟତ ନିର୍ବାଚନରେ ସରକାରୀ ନିୟମକୁ ଉଲ୍ଲଘଂନ କରି ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ଥିବାର ମଧ୍ୟ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ଜଣଙ୍କ ସେହି ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ ପୂର୍ବକ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ସ୍କାଉଟ ଗାଇଡ୍ ପକ୍ଷରୁ ସଡକ ସୁରକ୍ଷା ଜୀବନ ରକ୍ଷା ଶୋଭାଯାତ୍ରା



ଭୁବନେଶ୍ୱର (ପିଏନ୍) : ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ଶାଖା ଆନୁକୂଲ୍ୟରେ ସଡକ ନିରାପତ୍ତା ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଅଛି। ଏହି ଅବସରରେ ଗତ ତା୩୧.୦୩.୨୦୨ରିଖ ଦିନ ସକାଳ ୭ ଘଟିକା ସମୟରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ସ୍କାଉଟ ଓ ଗାଇଡ୍‌ମାନଙ୍କୁ ନେଇ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ସ୍କାଉଟ ଏବଂ ଗାଇଡ୍ ରାଜ୍ୟ ମୁଖ୍ୟାଳୟ ପରିସରରୁ ବାହାରି ଯଥାକ୍ରମେ ରାମ ମନ୍ଦିର ଛକ-ମାଷ୍ଟରକ୍ୟାଣ୍ଟିନ୍ ଛକ ଏବଂ ପିଏମ୍‌ଜି ପଛପାଖ ରାସ୍ତାରେ ପରିକ୍ରମା କରି ମୁଖ୍ୟାଳୟ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସ୍କାଉଟ, ଗାଇଡ, ରୋଭର ଓ ରେଞ୍ଜରମାନେ ସଚେତନତା ସମ୍ପର୍କୀୟ ବିଭିନ୍ନ ପ୍ଲାକାର୍ଡ ଧରି ଏବଂ ସଚେତନତାର ନାରା ଦେଇ ଜନସଚେତନତା ସୃଷ୍ଟି କରିବାର ପ୍ରୟାସ କରିଥିଲେ। ରାଜ୍ୟ ମୁଖ୍ୟାଳୟର ବହୁ ପଦସ୍ଥ ଅଧିକାରୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ନୀଳଗିରି ସାମ୍ବାଦିକଙ୍କୁ ମେଡିକାଲରେ ବେଢ଼ି ପକାଇବା ଘଟଣାକୁ ନିନ୍ଦା କଲା ଏଏସଏମ୍‌ଏନ୍‌ଆଇ

ବ୍ରହ୍ମପୁର (ପିଏନ୍): ସମ୍ବାଦ ଓ କନକ ନ୍ୟୁଜ୍‌ର ନୀଳଗିରି ପ୍ରତିନିଧି ଲୋକନାଥ ଦଳେଇଙ୍କ ବିରୋଧରେ ମିଥ୍ୟା ମକଦ୍ଦମା ରୁଜୁ କରି ପୋଲିସ୍ ମାରପିଟ୍ କରିବା ସହ ହସ୍ପିଟାଲରେ ଚିକିତ୍ସା ବେଳେ ତାଙ୍କ ଗୋଡ଼ରେ ବେଢ଼ି ପକାଇବା ଘଟଣାକୁ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ନିନ୍ଦା କରିବା ସହ ପୋଲିସର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନ ଓ ଗଣମାଧ୍ୟମର କଣ୍ଠରୋଧ କରିବା ଘଟଣା ଅତ୍ୟନ୍ତ ଉଦବେଗଜନକ ବୋଲି ପ୍ରକାଶ କରିଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାମ୍ବାଦିକଙ୍କୁ ସୁରକ୍ଷା ଯୋଗାଇଦେବାକୁ ଶ୍ରୀ ରଥ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ଏକଛତ୍ରବାଦ ଶାସନର ଏହା ଏକ ନମୂନା ବୋଲି ସେ ସୂଚାଇଛନ୍ତି।

## ଜଳସେବା ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍).: ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ 'କର ଫାଉଣ୍ଡେସନ୍' ଓ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ'ର ମିଳିତ ସହଯୋଗରେ ଭୁବନେଶ୍ୱରର ରେଡ଼କ୍ରସ ଟ୍ରାଫିକ୍ ସମ୍ମୁଖରେ ଏକ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ସୂର୍ଯ୍ୟର ତାପମାତ୍ରା ବୃଦ୍ଧି ଓ ଭୂତଳ ଜଳର ସ୍ତର କମି ଯାଉଥିବାରୁ ଲୋକମାନେ ଜଳସଙ୍କଟର ସାମ୍ନା କରୁଛନ୍ତି। ତା' ସହ ନିଜର ବ୍ୟତିବ୍ୟସ୍ତ ଦୈନନ୍ଦିନ କାର୍ଯ୍ୟରେ ଘରୁ ବାହାରିଲା ବେଳେ ଅନେକ ଲୋକ ସାଥିରେ ପାଣି ବୋତଲଟିଏ ନେବାକୁ ଭୁଲିଯାଆନ୍ତି। ଏହିସବୁ କଥାକୁ ଆଖି ଆଗରେ ରଖି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉପରୋକ୍ତ ସଙ୍ଗଠନମାନଙ୍କ ତରଫରୁ ରେଡ଼କ୍ରସ୍ ଟ୍ରାଫିକ୍ ସମ୍ମୁଖରେ ଜଳସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ପଞ୍ଚାନନ କାନୁନଗୋ, ଜଣାଶୁଣା ଅଭିନେତା ତଥା କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଶ୍ରୀଯୁକ୍ତ ଚନ୍ଦନ କର, ସ୍ଥାନୀୟ ବିଜୟୀ କର୍ପୋରେଟର୍ ରଞ୍ଜୁଲତା ରାୟ, ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେଡି ଛାତ୍ର ଜନତା ଦଳର ସଭାପତି ଶକ୍ତି ପ୍ରକାଶ ପତି, କର ଫାଉଣ୍ଡେସନ୍‌ର କୋଷାଧ୍ୟକ୍ଷା ଗୀତାଞ୍ଜଳି କର, ଯୁବ ସାମାଜିକ କର୍ମୀ ମୀର୍ ଅହମ୍ମଦ ଅଲ୍ଲି, ଯୁବନେତା ଅଂଶୁମାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶୁଦ୍ଧ ପାଣି ସହ ଦହି, ଆମ୍ବକସିଆ ଅଦା, କଞ୍ଚା ଲଙ୍କା, ଲୁଣ ଓ ପୋଦିନାପତ୍ରର ମିଶ୍ରିତ ପାନୀୟଟିକୁ ପାନକରି ଅନେକ ପଥଚାରୀ ଏହାର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ନଳିନୀକାନ୍ତ ନାୟକ, ଅଜିତ ବେହେରା, ଦୀପକ ନାୟକ, ବିନୋଦ କୁମାର ରାଉତ, ସତ୍ୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସେବା ସଂଗଠନ ଓଡ଼ିଶାର ସଫେଇ କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତର ସେବା ସଂଗଠନ ଓଡ଼ିଶା ତରଫରୁ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବାଲେଶ୍ୱର ଜିଲ୍ଲାର ସଭାପତି ସରୋଜ କୁମାର ସାହୁ, ରମଣୀ ଦାସ, ଶ୍ରୀକାନ୍ତ ଦାସ, ବାବୁ, ସିପ୍‌କ, ରଜତ ବାରିକ, ନିର୍ମାଲ୍ୟ ପଢ଼ିଆରୀ, ପ୍ରକାଶ କୁମାର ବାରିକ, ମନୋଜ କୁମାର ରାଉତ, କୀର୍ତ୍ତି କୁମାର ବିନ୍ଧାଣୀ, ରତିକାନ୍ତ ପଢ଼ିଆରୀ, କିଶୋର ଚଣ୍ଡ, ସଞ୍ଜୀବ ଦାସ, ରାକେଶ କୁମାର ବାରିକ, ଜୀବନ ବାରିକ, ଗୌତମ ବିନ୍ଧାଣୀ, ରବିନାରାୟଣ ବାରିକ, କମଳାକାନ୍ତ ବେହେରା ଏବଂ ସଙ୍ଗଠନ ର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟ ସଙ୍ଗଠନର ଅଧ୍ୟକ୍ଷ ତଥା ବଡପାଳ ପଞ୍ଚାୟତ ର ସରପଞ୍ଚ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

